# ବସ୍ତା ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ବସ୍ତା, ୭।୧(ସମିସ):**



ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଗଡ଼ପଦା ପଞ୍ଚାୟତର ଜହତା ଗ୍ରାମ ଏବଂ କୁଡ଼ିଆ ପଞ୍ଚାୟତର ଜମାଲପୁର ଠାରେ ଦଳ ତରଫରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉଭୟ ପଞ୍ଚାୟତର ସମସ୍ତ ୱାର୍ଡମାନଙ୍କରେ ସଂଗଠନ ସୁଦୃଢ଼ ନେଇ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ସମସ୍ତ ଜନହିତକାରୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲକ୍ଷ୍ୟରେ ଉପସ୍ଥିତ କର୍ମୀଙ୍କୁ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତଥା ନୂଆ କରି ପ୍ରଚଳିତ ହେବାକୁ ଯାଉଥିବା ନବୀନ କାର୍ଡର ଉପାଦେୟତା ସମ୍ପର୍କରେ ମତ ରଖିବା ସହ ନବୀନ କାର୍ଡ ପଞ୍ଜୀକରଣ ବାବଦରେ ଲୋକଙ୍କୁ ଅବଗତ କରାଇ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଞ୍ଜୀକରଣ କରିବାକୁ ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀ ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ଜିଲ୍ଲା ଉପ ସଭାପତି ସୁବ୍ରତ କୁମାର ପଣ୍ଡା, ଲକ୍ଷ୍ମୀଧର ଦାସ, ଦେବ କୁମାର ଦେ, ୧୫ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଦେବିକା ସୋରେନ, ଗଡ଼ପଦା ପଞ୍ଚାୟତ ସଭାପତି ନାରାୟଣ ନାୟକ, ସରପଞ୍ଚ ସଂଯୁକ୍ତା ନାୟକ, ସମିତିସଭ୍ୟ ଅବଦୁଲ ହମ୍ମିଦ ଖାଁ, କୁଡ଼ିଆ ପଞ୍ଚାୟତ ସଭାପତି ତଥା ସରପଞ୍ଚ ଗୌରାଙ୍ଗ ବେହେରା, ସମିତିସଭ୍ୟ ଜୟପ୍ରକାଶ ବେହେରା, ବାହାର୍ଦ୍ଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ ଦଳେଇ, ଦୁଧାହଂସା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ବିଶ୍ୱାଳ, ବାସୁଚକୁରାଇ ସରପଞ୍ଚଙ୍କ ପ୍ରତିନିଧି ଗୌତମ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର, ବିଜୁ କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଅଜୟ କୁମାର ସାମଲ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ରାଜେଶ କୁମାର ଗିରିଙ୍କ ସମେତ ଉଭୟ ପଞ୍ଚାୟତର ସମସ୍ତ ୱାର୍ଡର ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିଜେଡି ସମର୍ଥିତ ସରପଞ୍ଚ ସଂଘ ସଭାପତି ହେଲେ ଦେବ କୁମାର

**ବାଲିଆପାଳ, ୭।୧(ସମିସ):** ବାଲିଆପାଳ ବ୍ଲକର ବିଜେଡି ସମର୍ଥିତ ସରପଞ୍ଚ ସଂଘର ସଭାପତି ହେଲେ ବିଜେଡି ଜିଲ୍ଲା ଉପ ସଭାପତି ତଥା ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ। ବାଲିଆପାଳର ବରିଷ୍ଠ ନେତା ଶ୍ରୀ ଦେ ସରପଞ୍ଚ ସଂଘର ସଭାପତି ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଜି ବାଲିଆପାଳ ବ୍ଲକ ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳର ସରପଞ୍ଚ ଏବଂ ସଦସ୍ୟ ତଥା ନେତୃବୃନ୍ଦଙ୍କ ଉପସ୍ଥିତିରେ ଶ୍ରୀ ଦେଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବେ ବୋଲି ଶ୍ରୀ ଦେ ଗଣମାଧ୍ୟମକୁ କହିଛନ୍ତି। ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା କୃଷକ ସଂଘର ସଭାପତି ଅଜୟ ସାମଲ, ବ୍ଲକ ମହିଳା ସଭାପତି ତଥା ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ୨୩ ନଂ ଜୋନ୍‌ର ଜିଲ୍ଲା ପରିଷଦ ବେଣୁଧର ଜେନା, ୨୨ନଂ ଜୋନ୍‌ର ଜିଲ୍ଲା ପରିଷଦ ନିଶାକର ସେଠୀ, ଦେଭୋଗ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ବେତଗଡ଼ିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରି, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, କୁଣ୍ଡୁହୁଳି ସରପଞ୍ଚ ଜୟନ୍ତ ଦାସ, ଅସ୍ତି ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ସାଉଡି ସଦସ୍ୟ କମଳାକାନ୍ତ ମଲ୍ଲିକ, ବୋଙ୍ଗ ସଦସ୍ୟାଙ୍କ ପ୍ରତିନିଧି ତପନ ରାଉତ, ବଣିଆଡିହା ସଦସ୍ୟ କଟି ମାରାଣ୍ଡି, ବାଲିଆପାଳ ସଦସ୍ୟଙ୍କ ପ୍ରତିନିଧି ରତିକାନ୍ତ ପାତ୍ର, ପ୍ରତାପପୁର ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ନିଖିରା ସଦସ୍ୟାଙ୍କ ପ୍ରତିନିଧି ମନ୍ମଥ ମାଣିକ, କୁଣ୍ଡୁଳି ସଦସ୍ୟା ନମିତା ମଲ୍ଲିକ, ଜିଲ୍ଲା ସମ୍ପାଦକ ମନ୍ମଥ ଗିରି, ଯୁଗ୍ମ ସମ୍ପାଦକ କମଳ ଲୋଚନ କର, ଜାମକୁଣ୍ଡ ପଞ୍ଚାୟତ ସଭାପତି ବସନ୍ତ ମହାନ୍ତି, ମଧୁପୁରାର ପୂର୍ବତନ ସମିତି ସଦସ୍ୟ ମନ୍ମଥ ବାରିକ, ଜାମକୁଣ୍ଡାର ପୂର୍ବତନ ସମିତି ସଦସ୍ୟ ସୁଧାଂଶୁ ବାରିକ, ବାଲିଆପାଳ ସଭାପତି ରଘୁନାଥ ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ୬ ପଞ୍ଚାୟତରେ ଗଡ଼ିଲା 'ଅର୍ପଣ ରଥ'



**ଭୋଗରାଇ, ୭।୧(ସମିସ):** ଭୋଗରାଇ ବ୍ଲକ ପରିସରରେ 'ଅର୍ପଣ ରଥ' ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ୬ ଟି ପଞ୍ଚାୟତରେ ଗଡ଼ିଛି ଏହି ରଥ। ଭୋଗରାଇ ବ୍ଲକ ପରିସରରେ ଏନେଇ ଏକ ଭବ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସମସ୍ତ ସିଆରପି, ଏମବିକେ, ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବ୍ଲକର ସମସ୍ତ କର୍ମଚାରୀ ଓ ସାଧାରଣ ଜନତାଙ୍କ ଉପସ୍ଥିତିରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ପୂଜାର୍ଚ୍ଚନା ସହିତ ନଡ଼ିଆ ଭାଙ୍ଗି ଏହି 'ଅର୍ପଣ ରଥ'ର ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଡିଓ ଉମାକାନ୍ତ ପରିଡ଼ା, ସିଡିପିଓ ପବିତ୍ରା ହାଜିରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ପପୁ ଭୂୟାଁ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ ଓ ନିବେଦିତା ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ବ୍ଲକ କଳା ଓ ସଂସ୍କୃତି ସଂଘର ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ସଂକୀର୍ତ୍ତନ କରିଥିଲେ। ୬ଟି ସୁସଜ୍ଜିତ ରଥକୁ ପୂଜାର୍ଚ୍ଚନା କରାଯାଇ ନାଚିନ୍ଦା, ଗବଗାଁ, ସୁନାଧରବସାଣ, ଦେହୁର୍ଦ୍ଦା, ସୁଲତାନପୁର ଓ ଶ୍ରଦ୍ଧାପୁର ଆଦି ପଞ୍ଚାୟତକୁ ପଠାଯାଇଛି।

# ସ୍କୁଲ ସମ୍ମୁଖରେ ଆମରଣ ଅନଶନ ଚେତାବନୀ

**ନାମ୍ପୋ, ୭।୧(ସମିସ):** ଜଳେଶ୍ୱର ବ୍ଲକ ନାମ୍ପୋ ହାଇସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି ଅଭିଭାବକ। ୧୯୫୦ ମସିହାରେ ସ୍ଥାପିତ ଏହି ସ୍କୁଲରେ ଏବେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନଥିବାବେଳେ ଦୀର୍ଘ ଦିନ ଧରି ବିଦ୍ୟାଳୟର ଏସଏମ୍‌ସି ଗଠନ ନ ହେବା, ଅସୁରକ୍ଷିତ ଶ୍ରେଣୀ ଗୃହରେ ଶିକ୍ଷାଦାନ ଦିଆଯିବା, ଶୌଚାଳୟ ନିକଟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେବା, ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ପରିସ୍ରାଗାର ନ ରହିବା ଇତ୍ୟାଦି ବହୁ ସମସ୍ୟା ପୂରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପୂରଣ ନହେବା ନେଇ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଦାବି ପୂରଣ ନହେବା ପ୍ରତିବାଦରେ ଜଗଦୀଶ ପ୍ରଧାନ, ସତ୍ୟରଞ୍ଜନ ରଣା, ୱାର୍ଡ ସଭ୍ୟ ସୁନିତା ପ୍ରଧାନ ପ୍ରମୁଖ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଜଳେଶ୍ୱର ବିଡିଓଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ମନ୍ଦାକିନୀ ସିଂ ଓ ବିଇଓଙ୍କୁ ପୁନର୍ବାର ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଗତ ୨୦/୨/୨୩, ୧୫/୫/୨୩, ୩/୭/୨୩ ଓ ୯/୧୦/୨୩ ତାରିଖରେ ସେମାନେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଇଛନ୍ତି। ଏପରିକି ଜାନୁଆରୀ ୧୪ ତାରିଖ ସୁଦ୍ଧା ଦାବି ପୂରଣ ନକଲେ ୧୬ ତାରିଖ ୧୦ ଘଟିକାଠାରୁ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଏସ୍‌ଡିପିଓ, ଆଇଆଇସି, ତହସିଲଦାର ଜଳେଶ୍ୱର ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।



# ଡିଭାଇଡର୍‌କୁ ଧକ୍କାଦେଇ ୨ବାଇକ୍ ଆରୋହୀ ଗୁରୁତର

**ସୋର, ୭।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଡିଭାଇଡର୍‌କୁ ଧକ୍କାଦେଇ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୋର ମେଡିକାଲରେ ଭର୍ତ୍ତି କରାଯାଇଛି। ଭଦ୍ରକ ଜିଲ୍ଲା ବଙ୍କସାହି ଅଞ୍ଚଳର ପ୍ରୀତିରଞ୍ଜନ ନାୟକ ଓ ଅସିତ ସାହୁ କୌଣସି କାମରେ ଆସି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ନିକଟରେ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ



**ଔପଦା, ୭।୧(ସମିସ):** ଔପଦା ଆଞ୍ଚଳିକ ମହୋତ୍ସବ ଆନୁକୂଲ୍ୟରେ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଔପଦା ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଔପଦା ଥାନା ଆଇଆଇସି ଶ୍ରବଣ କୁମାର ମହରଣା, ବ୍ରଜ ମୋହନ ପାଲ, ଜିଲ୍ଲାପରିଷଦ ସଦସ୍ୟା ମୁନୀ ସିଂ, ମହୋତ୍ସବ ପ୍ରତିଷ୍ଠାତା ଦୀପକ କୁମାର ପ୍ରଧାନ, ଉପଦେଷ୍ଟା ରାମଚନ୍ଦ୍ର ଭୂୟାଁ, ସମ୍ପାଦକ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ନରହରି ନାୟକ, କୋଷାଧ୍ୟକ୍ଷ ହରେକୃଷ୍ଣ ପରିଡ଼ା, କାର୍ଯ୍ୟକାରୀ ସଦସ୍ୟ ସୁଦର୍ଶନ ଯେନା, ବିଶ୍ୱ ରଞ୍ଜନ ବେହେରା, ଦୈତାରୀ ପରିଡ଼ା, ଜୟଶ୍ରୀ ବେହେରା, ଅଭି ମନ୍ୟୁ ପଣ୍ଡା, ଆଶୁତୋଷ ନାୟକ, ରମେଶ ମହାକୁଡ଼, ଶଶୀକାନ୍ତ ବେହେରା, ଅଜୟ କୁମାର ପଣ୍ଡା, ଜ୍ୟୋତିର୍ମୟ ସାହୁ, ଜ୍ୟୋତି ପ୍ରକାଶ ମହାନ୍ତି, ଅରବିନ୍ଦ ପ୍ରଧାନ, ଗୟାଧର ମଲ୍ଲିକ, ବିସ୍ମୟ କୁମାର ପ୍ରଧାନ ସମେତ ଓଡ଼ିଶା ଡ୍ରାଇଭର ସଂଘ ଔପଦା ବ୍ଲକ ତଳକିଆ ପଞ୍ଚାୟତ ର ଆଡ଼ମିନ ଲକ୍ଷ୍ମୀଧର ବେହେରା, ସଞ୍ଜୟ ଭୂୟାଁ, ମାନସ ସେନାପତି, ଅଜୟ ପୁଷ୍ଟି ଓ ଉପେନ୍ଦ୍ର ସାହୁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ଏହି ଶିବିରରେ ଡାକ୍ତର ସଞ୍ଜୀବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ରାଜେଶ ମିଶ୍ର, ଜଗନ୍ନାଥ ପଣ୍ଡା ଓ କ୍ଷୀରୋଦ ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ।

# ଚମ୍ପକେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୭।୧ (ସମିସ):** ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତର ଓଲିନ୍ଦା ଗ୍ରାମସ୍ଥିତ ଚମ୍ପକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ପ୍ରଭାତୀ ଦାସ ଅଧ୍ୟକ୍ଷତା କରିଥିବା ବେଳେ ପଣ୍ଡିତ ରବିନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱନୀ ପାତ୍ର ଯୋଗ ଦେଇ ଆଜିର କୁମାରୀ ଆସନ୍ତା କାଲି ସମାଜର ମା' ହେବାକୁ ଥିବା ବେଳେ ସମାଜ ଗଠନ ଲାଗି ସେମାନଙ୍କ ପ୍ରତିବଦ୍ଧା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସରପଞ୍ଚ ମମତା ପରିଡ଼ା, ସମିତି ସଦସ୍ୟ ଦେବଯାନୀ ବିଶ୍ୱାଳ, ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ଓଷ୍ଟାର ଜିଲା ସଭାପତି ମନୋରଞ୍ଜନ ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଆଦର୍ଶ ଛାତ୍ରୀ ବିଦ୍ୟାଳୟର ସୁଖ୍ୟାତି ଆଣିବାରେ ସକ୍ଷମ ହୋଇଥାଏ ବୋଲି କହିଥିଲେ। ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ ନବୀନ ପଣ୍ଡା କରିଥିବା ବେଳେ, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ନେହଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ସୁବର୍ଣ୍ଣରେଖାରେ ବୁଡ଼ିଗଲେ ତୀର୍ଥଯାତ୍ରୀ



**ରାଜଘାଟ, ୭।୧(ସମିସ):** ବସ୍ତା ଥାନା ରାଜଘାଟ ବାରୁଣୀପଡ଼ିଆ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜହ୍ନା ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ମହାବୀର ନାମକ ବସ ଯୋଗେ କଲିକତାର ବିଭିନ୍ନ ସ୍ଥାନରୁ ତୀର୍ଥ ସାରି ଫେରୁଥିବାବେଳେ ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ବାରୁଣୀ ପଡ଼ିଆ ଠାରେ ବସ ରଖିଥିଲେ। ଏଠାରୁ ସମସ୍ତ ଯାତ୍ରୀ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପାଣିରେ ବୁଡ଼ିଯାଇଥିଲେ। ତେବେ ଯୁବକ ଜଣଙ୍କୁ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଅଜିତ ଭୋଳ ବୋଲି ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (୧/୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଜାତୀୟ ବିଜ୍ଞାନ ନାଟକ ଉତ୍ସବ : ମୁମ୍ବାଇରେ ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟ ସମ୍ମାନିତ

**ଦହମୁଣ୍ଡା, ୭।୧(ସମିସ):** ନିଜ ନିଜ ଅଭିନୟ କଳା ଦେଖେଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଭୋଗରାଇର ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ। ପ୍ରଥମେ ବ୍ଲକ, ଜିଲ୍ଲା ଓ ପରେ ରାଜ୍ୟସ୍ତରରେ ସଫଳତା ପାଇଥିଲେ ଏହି ସ୍କୁଲର ଛାତ୍ରଛାତ୍ରୀ। ପରେ କଲିକତାରେ ପୂର୍ବ ଭାରତସ୍ତରୀୟରେ ଶୀର୍ଷ ସ୍ଥାନ ଅଧିକାର କରି ଜାନୁଆରୀ ୫, ୬ତାରିଖରେ ମୁମ୍ବାଇଠାରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ନ୍ୟାସନାଲ୍ ସାଇନ୍ସ ଡ୍ରାମା ଫେଷ୍ଟିଭାଲ'ରେ ଯୋଗଦେଇଥିଲେ। ସେଠାରେ ନାଟକ 'ବଚାଓ' ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏଥିସହିତ ୧୦ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ ପୂର୍ବକ ସମ୍ବର୍ଦ୍ଧିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଦୈତ୍ୟ, ପ୍ରକାଶ, ରୁଦ୍ର, ଭୋଳାନାଥ, ଆଲୋକ, ତମନ୍ନା, ମାମାଶ୍ରୀ' ପ୍ରୀତମ ଓ ପିୟୂ ଅଭିନୟ କରିଥିଲେ। ନାଟ୍ୟକାର ଶିକ୍ଷକ ଦେବବ୍ରତ ଦେ, ନିର୍ଦ୍ଦେଶକ ଚନ୍ଦନ କୁମାର ଦାସ ଓ ଗାଇଡ୍ ଶିକ୍ଷୟିତ୍ରୀ ଜ୍ୟୋତି ଗିରି, ଉତ୍କଳା ରାଣୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଖବର ପାଇବା ପରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ବିଜ୍ଞାନ ପର୍ଯ୍ୟବେକ୍ଷକ ହରେନ୍ଦ୍ର ମାହାନ୍ତ, ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ପ୍ରଧାନଶିକ୍ଷକ ଆଲୋକ କୁମାର ପ୍ରଧାନ, ସରପଞ୍ଚ ମଞ୍ଜୁରାଣୀ ବେହେରା, ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ସାମ୍ବାଦିକ ଗୌତମବୁଧ ଦାସ, ସହିତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ନୂଆ-ଓ ଫେଷ୍ଟରେ ଉର୍ମିଳା ବେହେରା ପୁରସ୍କୃତ



**ଜଳେଶ୍ୱର ବ୍ଲକ, ୭।୧(ସମିସ):** ବାଲେଶ୍ୱର ପୁଲିସ ଲାଇନ୍ ପଡ଼ିଆରେ ଗତକାଲି ଓଡ଼ିଶା ସରକାରଙ୍କ ପକ୍ଷରୁ ଜିଲ୍ଲା ସ୍ତରୀୟ 'ନୂଆ-ଓ ଫେଷ୍ଟ'ରେ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜଳେଶ୍ୱରଯୁକ୍ତ ଦୁଇର ଦ୍ୱିତୀୟ ବର୍ଷ କଳାରେ ଛାତ୍ରୀ ସୁଶ୍ରୀ ଉର୍ମିଳା ବେହେରା ପୁରସ୍କୃତ ହୋଇଛନ୍ତି। କବି ଡକ୍ଟର ନୀଳକଣ୍ଠ ଖଣ୍ଡାଙ୍କ ଅହଲ୍ୟା କବିତାକୁ ଆବୃତ୍ତି କରି ଜିଲ୍ଲାସ୍ତରରେ ଚାମ୍ପିଅନ ହୋଇଥିଲେ। ତାଙ୍କୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୧୫ ହଜାର ଟଙ୍କାର ଚେକ୍ ସହ ପୁରସ୍କୃତ କରିଥିଲେ। ଏହାର ଶ୍ରେୟ ସେ ବିଦ୍ୟାଳୟର ଅଧ୍ୟକ୍ଷା ମାମିରାଣୀ ମହାନ୍ତି, ଗାଇଡ୍ ଶିକ୍ଷକ ଡକ୍ଟର ନୀଳକଣ୍ଠ ଖଣ୍ଡା, ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଗୁରୁଜନ ଓ ପିତା ମାତାଙ୍କୁ ଦେଇଛନ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ଅଧୀନ ଡିଙ୍ଗାଶୋଳ ଗ୍ରାମର ପିତା ସନ୍ତୋଷ କୁମାର ବେହେରା ଓ ମାତା ଶାନ୍ତିଲତା ବେହେରାଙ୍କ ପୁତ୍ରୀ ହେଉଛନ୍ତି ଉର୍ମିଳା।

● ସଙ୍କୁଳସ୍ତରୀୟ ଶିଶୁ ବିଜ୍ଞାନ ମେଳା

# 'ପ୍ରତିଭା ଅନ୍ୱେଷଣ ଦ୍ୱାରା ରାଷ୍ଟ୍ରର ବିକାଶ ହୋଇଥାଏ'

**ନୀଳଗିରି, ୭।୧(ସମିସ):**



ନୀଳଗିରି ଉପଖଣ୍ଡ ବରହମପୁର ଆଦର୍ଶ ଶିକ୍ଷା କେନ୍ଦ୍ରରେ ୩୨ତମ ବାର୍ଷିକ ଉତ୍ସବ, ସଙ୍କୁଳ ସ୍ତରୀୟ ଶିଶୁ ବିଜ୍ଞାନ ମେଳା, ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ରବୀନ୍ଦ୍ର କୁମାର ବିହାରୀ ଅନୁଷ୍ଠାନିକ ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର କୁମାର ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଅଜୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଆଦର୍ଶ ଶିକ୍ଷା କେନ୍ଦ୍ରର ସଭାପତି ରବି ନାରାୟଣ ଚୌଧୁରୀ ପୌରୋହିତ୍ୟ କରିବା ସହ ଅତିଥି ପରିଚୟ ପ୍ରଦାନ, ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା କୁଞ୍ଜଲତା ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ସମ୍ପାଦକ ସୁବାସିନୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କୋମଳମତି ଶିଶୁମାନଙ୍କ ମନରେ ଜାଗରଣ ସୃଷ୍ଟି କରାଇବା, ମାନସିକ, ଶାରୀରିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ବିକାଶ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗ ଦର୍ଶନରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରର କୁସଂସ୍କାର, ଦୁର୍ନୀତି, ଅତ୍ୟାଚାର, ଅନ୍ୟାୟରୁ ମୁକ୍ତ କରିବା ସହିତ ପ୍ରତିଭା ଅନ୍ୱେଷଣ ଦ୍ୱାରା ରାଷ୍ଟ୍ରର ବିକାଶ ହୋଇଥାଏ ବୋଲି ସଭାପତି କହିଥିଲେ। ନୀଳଗିରି ଓ ଔପଦା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବିଭିନ୍ନ କଳାକୃତି ଏବଂ ବିଜ୍ଞାନ ମେଳାରେ କୃତୀ ଶିଶୁ ବିଦ୍ୟାର୍ଥୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଗୁରୁମା ସୁଭଦ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିକ୍ଷାକେନ୍ଦ୍ରର ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ, ଗୁରୁମା'ଙ୍କ ମଧ୍ୟରେ ରାନୁବାଳା ସାହୁ, ଜୟନ୍ତୀ ପଣ୍ଡା, ଜୟଶ୍ରୀ ପଲେଇ, ଜୟଶ୍ରୀ ପଣ୍ଡା, ଦେବାହୁତି କର, ରାଇମଣି ମାରାଣ୍ଡି, ସୁମତି ଦାସ ଚୈତନ୍ୟ ଆଚାର୍ଯ୍ୟ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଅର୍ପଣ ରଥକୁ ପାଛୋଟି ନେଲେ ଟୁକୁରୀ ହାଜିରାବାସୀ

**ଚନ୍ଦନେଶ୍ୱର, ୭।୧(ସମିସ):** ଭୋଗରାଇ ବ୍ଲକ ଟୁକୁରୀହାଜିରା ପଞ୍ଚାୟତରେ ରବିବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଫୁଲବଣୀ ଓ ଫୁଲବଣୀ ଖାସ ଗ୍ରାମରେ ଜଗନ୍ନାଥଙ୍କ ଅର୍ପଣ ରଥ ଗଡ଼ିଛି। ସକାଳେ ଭୋଗରାଇ ବ୍ଲକ ପରିସରରେ ଶୁଭାରମ୍ଭ କରାଯାଇ ପଞ୍ଚାୟତରେ ପହଞ୍ଚିଥିଲେ। ପରେ ଢୋଲ, ବାଜା, ଖୋଳ, କରତାଳ ସହିତ ନାମ ସଂକୀର୍ତ୍ତନ କରାଯାଇ ଏକ ଆଧ୍ୟାତ୍ମିକ ପରିବେଶରେ ପଞ୍ଚାୟତ ତରଫରୁ ସ୍ୱାଗତ କରାଯାଇଥିଲା। ସରପଞ୍ଚ ଉପେନ୍ଦ୍ର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ୩୫ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ସନ୍ତୋଷ ସାସମଲ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରାମାଣିକ, ଜିଆର୍‌ଏସ୍ ବିନୋଦ ବେହେରା, ସାମ୍ବାଦିକ ଶିଶିର କୁମାର ପ୍ରଧାନ, ଏମବିକେ ଓ ମହିଳା ସ୍ୱୟଂ ସହାୟିକା ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ଅର୍ପଣ ରଥ ଗାଁ ଗାଁ ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ମା' ନାଇକାଣୀ ମନ୍ଦିର ନିକଟରେ ମଧ୍ୟାହ୍ନରେ ଲୋକେ ଅନ୍ନପ୍ରସାଦ ସେବନ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ସିଡ଼ିଏମ୍‌ଓ
ଆବିର୍ଭାବ: ୧୫-୦୮-୧୯୪୪, ତିରୋଧାନ: ୨୮-୧୨-୨୦୨୩

ବାବା, ବୋଉ ଯିବା ପରେ ତୁମେ ଆମର ସବୁ କିଛି ଥିଲ। ତୁମେ ଥିଲ ମାର୍ଗଦର୍ଶକ। ଶତସିଂହର ବଳ ଓ ପରାକ୍ରମରେ ଆମକୁ ଉଦ୍‌ବୁଦ୍ଧ କରି ଆସୁଥିଲ। କେବଳ ପରିବାରବର୍ଗ ନୁହନ୍ତି, ତୁମ ସହକର୍ମୀ ଡାକ୍ତର, ତୁମ ବରିଷ୍ଠ, ଅନୁଜ ଡାକ୍ତରମାନେ ମଧ୍ୟ ତୁମ ଅକାଳ ବିୟୋଗରେ ଖୁବ୍ ମର୍ମାହତ। ପରଲୋକରୁ ସେହି ଅପାଶୋରା ମୁରୁକୁନ୍ଦିଆ ହସ ଓ ସଜଳ ନୟନରେ ଆମପ୍ରତି ସର୍ବଦା ଦୃଷ୍ଟି ରଖିଥାଅ।

-: ଶୋକସନ୍ତପ୍ତ :-
ପୁଅ ଶ୍ରୀନିବାସ(ଗୋପୀ) ବୋହୂ- ପଦ୍ମା, ଝିଅ-ଜ୍ୱାଇଁ: ପଦ୍ମଲତା- ହୃଦାନନ୍ଦ, ଶକୁନ୍ତଳା-ବସନ୍ତ ଏବଂ ସମସ୍ତ ନାତିନାତୁଣୀ -ମୟଙ୍କ, ଅବିନାଶ, ପୂଜା, ରୋଜା, ଟିକୁ ଓ ସାନ୍‌ଭି ତଥା ପରିବାରବର୍ଗ

# ୧୦, ୨୦ ବଦଳରେ ଲୋକେ କିଣୁଛନ୍ତି ୫୦ ଟଙ୍କିଆ ଷ୍ଟାମ୍ପ୍ ପେପର

## ଆଗରୁ ବନ୍ଦଥିଲା ୧, ୨ ଓ ୫ ଟଙ୍କିଆ, ଏବେ ୧୦, ୨୦ ବନ୍ଦ

**ବାଲେଶ୍ୱର, ୭।୧(ସମିସ):**

ବାଲେଶ୍ୱର ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ପକ୍ଷରୁ ବର୍ଷେ ହେଲା ଏକ, ଦୁଇ, ପାଞ୍ଚ ଓ ଦଶ ଟଙ୍କିଆ ନନ ଜୁଡିସିଆଲ ଷ୍ଟାମ୍ପ ପେପର ଯୋଗାଇବା ବନ୍ଦ କରି ଦିଆଯାଇଥିଲା। ଗତ ତିନି ମାସ ଧରି ଦଶ ଟଙ୍କିଆ ଷ୍ଟାମ୍ପ ପେପର ମଧ୍ୟ ଯୋଗାଇବା ବନ୍ଦକରି ଦିଆଯାଇଛି। ଏବେ ପୁଣି କୋଡିଏ ଟଙ୍କିଆ ଷ୍ଟାମ୍ପ ପେପର ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଲୋକେ ବାଧ ହୋଇ ବାଲେଶ୍ୱର କଚେରୀର ଭେଣ୍ଡର ମାନଙ୍କ ପାଖରେ ଉପରୋକ୍ତ ଷ୍ଟାମ୍ପ ପେପର ଗୁଡ଼ିକ ମିଳୁନାହିଁ। ଫଳରେ ଲୋକ ମାନଙ୍କର ଦଶ ଓ କୋଡିଏ ଟଙ୍କିଆ ଷ୍ଟାମ୍ପ ପେପର ଆବଶ୍ୟକ ଥିଲେ ବି, ମିଳୁନଥିବା ଯୋଗୁଁ ୫୦ଟଙ୍କିଆ ଷ୍ଟାମ୍ପ ପେପର ବାଧହେଇ ନେବାକୁ ପଡୁଛି। ଏହାକୁ ନେଇ ସାଧାରଣ ଲୋକଙ୍କ ସମେତ ଓକିଲ, ମୋହରିର ଓ ଭେଣ୍ଡର ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, କୋର୍ଟର ସତ୍ୟପାଠ, ନୋଟାରୀ ସତ୍ୟପାଠ, ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଚୁକ୍ତିନାମା ପ୍ରଭୃତିରେ ଷ୍ଟାମ୍ପ ପେପରର ଆବଶ୍ୟକତା ନିହାତି ରହିଛି। ସେହିଭଳି ତହସିଲ, ବନ୍ଦୋବସ୍ତ ଓ ଅନ୍ୟାନ୍ୟ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ପାଇଁ ଷ୍ଟାମ୍ପ ପେପର ଓ କୋର୍ଟ ଫି' ଆବଶ୍ୟକୀୟ ହେଇଥାଏ। ମାତ୍ର ଏକ ଟଙ୍କାରୁ ପାଞ୍ଚ ଟଙ୍କିଆ ପର୍ଯ୍ୟନ୍ତ ଷ୍ଟାମ୍ପ ପେପର ଆଜକୁ ଗତ ବର୍ଷେ ହେଲା ମିଳୁ ନଥିବାବେଳେ ଦଶ ଟଙ୍କିଆ ଷ୍ଟାମ୍ପ ପେପର ଗତ ତିନି ମାସ ଧରି ମିଳୁ ନାହିଁ। ସେହିଭଳି ଗତ ସପ୍ତାହ ଠାରୁ କୋଡିଏ ଟଙ୍କିଆ ଷ୍ଟାମ୍ପ ପେପର ମଧ୍ୟ ମିଳୁ ନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବାଲେଶ୍ୱର କୋଷାଗାର ପକ୍ଷରୁ ଭେଣ୍ଡରମାନଙ୍କୁ ପଚାଶ ଟଙ୍କିଆ ଓ ଶହେ ଟଙ୍କିଆ ଷ୍ଟାମ୍ପ ପେପର ଯୋଗାଇ ଦିଆଯାଉଛି। ଫଳରେ ଏକରୁ ଦଶ ଟଙ୍କିଆ ଷ୍ଟାମ୍ପରେ ଯେଉଁ କାର୍ଯ୍ୟ ହୋଇଯାଉଥିଲା, ବର୍ତ୍ତମାନ ପଚାଶ ଟଙ୍କିଆ ଷ୍ଟାମ୍ପ କିଣି ଲୋକମାନେ ସେହି କାର୍ଯ୍ୟ କରୁଥିବା ଜଣା ଯାଇଛି। ଉଦାହରଣ ସ୍ୱରୂପ ଏଗ୍ରିମେଣ୍ଟ ଓ ଆଫିଡେଭିଟ୍ ପାଇଁ ଗୋଟିଏ ଦଶ ଟଙ୍କିଆ ଓ ଏକ ଟଙ୍କିଆ ଷ୍ଟାମ୍ପରେ କାର୍ଯ୍ୟ ହେଉଥିଲା। ଟଙ୍କାକିଆ ଓ ଦଶ ଟଙ୍କିଆ ଷ୍ଟାମ୍ପ ନମିଳିବାରୁ କୋଡିଏ ଟଙ୍କିଆ ଷ୍ଟାମ୍ପରେ ଲାକ ମାନେ ଏହି କାର୍ଯ୍ୟ କରୁଥିଲେ। ମାତ୍ର ବର୍ତ୍ତମାନ କୋଡ଼ିଏ ଟଙ୍କିଆ ଷ୍ଟାମ୍ପ ବନ୍ଦ ହେଇଯିବା ପରେ ଏହି ସବୁ କାର୍ଯ୍ୟ ପାଇଁ ଲୋକମାନଙ୍କୁ ପଚାଶ ଟଙ୍କିଆ ଷ୍ଟାମ୍ପ କିଣିବାକୁ ପଡୁଛି। ସେହିଭଳି କୋଡ଼ିଏ ଟଙ୍କିଆ ଷ୍ଟାମ୍ପ ପେପର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଠାରେ ସତ୍ୟ ପାଠରେ ଏବଂ ଗ୍ୟାସ ଏଜେନ୍ସି ଗୁଡ଼ିକର ବିଭିନ୍ନ ଅଫିସିଆଲ୍ କାର୍ଯ୍ୟରେ ଲାଗିଥାଏ। ବର୍ତ୍ତମାନ ଜିଲ୍ଲା କୋଷାଗାର ଏହି କୋଡ଼ିଏ ଟଙ୍କିଆ ଷ୍ଟାମ୍ପ ପେପର ଯୋଗାଇବା ବନ୍ଦ କରିବାରୁ ଲୋକମାନେ ବାଧ ହେଇ ପଚାଶ ଟଙ୍କିଆ ଷ୍ଟାମ୍ପ ପେପର ଉପରୋକ୍ତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏହିଭଳି ବିଭିନ୍ନ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଷ୍ଟାମ୍ପ ପେପରଗୁଡ଼ିକୁ ରାଜ୍ୟ କୋଷାଗାର ପକ୍ଷରୁ ଏହି ଜିଲ୍ଲାକୁ ଯୋଗାଇ ଦିଆଯାଉ ନଥିବା ଯୋଗୁଁ ଜନ ସାଧାରଣଙ୍କ ସମେତ ଓକିଲ, ମୋହରିର ଓ ଭେଣ୍ଡର ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଏବାବଦରେ ବାଲେଶ୍ୱର ଭେଣ୍ଡର ଆସୋସିଏସନର ସଭାପତି ରମେଶ ଦାସ କୁହନ୍ତି, ମିଳୁ ନଥିବା ଷ୍ଟାମ୍ପ ଗୁଡ଼ିକ ପାଇଁ ଲୋକମାନଙ୍କ ସହିତ ଭେଣ୍ଡର ମାନଙ୍କର ବାରମ୍ବାର ଯୁକ୍ତିତର୍କ ହେଉଛି। ଲୋକମାନଙ୍କ ଧାରଣା, ଭେଣ୍ଡରମାନେ ପଚାଶ ଟଙ୍କିଆ ଷ୍ଟାମ୍ପ ବିକ୍ରି କରିବା ପାଇଁ ୧ ରୁ ୨୦ ଟଙ୍କା ଷ୍ଟାମ୍ପ ପେପର ଜାଣିଶୁଣି ଦେଉ ନାହାନ୍ତି। ମାତ୍ର ଜିଲ୍ଲା କୋଷାଗାର ପକ୍ଷରୁ ସେଗୁଡ଼ିକ ଭେଣ୍ଡର ମାନଙ୍କୁ ଯୋଗାଇ ଦିଆଯାଉ ନାହିଁ। ଏବାବଦରେ ଜିଲ୍ଲା କୋଷାଗାରର ଅତିରିକ୍ତ ଅଧିକାରୀ ରଘୁନାଥ ମୁର୍ମୁଙ୍କୁ ଭେଣ୍ଡର ଆସୋସିଏସନର କର୍ମକର୍ତ୍ତା ମାନେ ସାକ୍ଷାତ କରି ଅଭିଯୋଗ କରିଥିଲେ। ଯଥା ଶୀଘ୍ର ମିଳୁ ନଥିବା ଷ୍ଟାମ୍ପ ପେପର ଗୁଡ଼ିକ କୋଷାଗାର ପକ୍ଷରୁ ଯୋଗାଇ ଦିଆଯିବ ବୋଲି କହିଥିବାର ସଭାପତି ଦାସ କହିଛନ୍ତି। ତେବେ ବାଲେଶ୍ୱରରେ ମିଳୁ ନଥିବା ଏହି ଷ୍ଟାମ୍ପ ପେପରଗୁଡ଼ିକ ତୁରନ୍ତ ଜିଲ୍ଲା କୋଷାଗାର ପକ୍ଷରୁ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ୧୨ ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ଗାଡ଼ି ପ୍ରଦାନ




**ବାଲେଶ୍ୱର, ୭।୧(ସମିସ):** ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ପେପର ମିଲସ ସିଏସ୍‌ଆର୍ ପକ୍ଷରୁ ୫ ଲକ୍ଷ ୪ହଜାର ଅନୁଦାନରେ ୧୨ଟି ତିନି ଚକିଆ ବ୍ୟାଟେରି ଚାଳିତ ଗାଡ଼ି ୧୨ଜଣ ଦିବ୍ୟାଙ୍ଗଙ୍କୁ ପ୍ରଦାନ କରାଯାଇଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବାଲେଶ୍ୱର ଗସ୍ତ ସମୟରେ ଏହି ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ପ୍ରଚେଷ୍ଟାରେ ଇମାମି ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ଏହି ୫ଲକ୍ଷ ୪ହଜାର ଟଙ୍କା ସହାୟତା ଦେଇଥିଲେ। ଏଜିଏମ୍ ତଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ଶ୍ରୀରାମପୁର ପଞ୍ଚାୟତରେ ଅର୍ପଣ ରଥର ଶୁଭାରମ୍ଭ




**ବାଲେଶ୍ୱର, ୭।୧(ସମିସ):** ବାଲେଶ୍ୱର ସଦର ବ୍ଲକସ୍ଥିତ ଶ୍ରୀରାମପୁର ପଞ୍ଚାୟତ ଅଧୀନ ମଚ୍ଛଡିହା ଗ୍ରାମରେ ଅର୍ପଣ ରଥର ଶୁଭାରମ୍ଭ ହେଇଛି। ଏହି ଅବସରରେ ମଚ୍ଛଡିହା ଶ୍ରୀମନ୍ଦିର ପରିସରରେ ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥକୁ ଗ୍ରାମ ପରିକ୍ରମା କରିବା ପାଇଁ ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ରଥ ଶୁଭାରମ୍ଭ ହେବା ପରେ ଉପସ୍ଥିତ ଅତିଥିବୃନ୍ଦ ଓ ଗ୍ରାମବାସୀ ପରିକ୍ରମା ପ୍ରକଳ୍ପ ପାଇଁ ରଥରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ପଞ୍ଚାୟତର ସବୁ ଗ୍ରାମକୁ ଏହି ରଥ ଯାଇ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ ଯାହାକୁ ପରିଶେଷରେ ମହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ନିଆଯିବ। ବାଲେଶ୍ୱର ସଦର ବିଧାୟକଙ୍କୁ ଯଜମାନ ସଜାଇ ରଥ ସମ୍ମୁଖରେ ସଂକଳ୍ପ ପୂଜାବିଧି କରାଇଥିଲେ। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ସୁଦୟ କୁମାର ତ୍ରିପାଠୀ ରଥରେ ସ୍ଥାପିତ ସୁସଜ୍ଜିତ ପିତଳ ପାତ୍ରରେ ପ୍ରଥମେ ସ୍ଥାନୀୟ ଶ୍ରୀମନ୍ଦିର ମଧ୍ୟରୁ ପୂଜା କରିବା ପୂର୍ବକ ଅକ୍ଷତ ଓ ଗୁବାକ ଅର୍ପଣ କରିଥିଲେ। ପରେ ଯାତ୍ରାର ଆରମ୍ଭ କରିଥିଲେ ବିଧାୟକ ସ୍ୱରୂପ କୁମାର ଦାସ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ସଦର ବିଧାୟକ ଦାସ କହିଛନ୍ତି ଯେ ଏହା କେବଳ ଏକ ରଥ ନୁହେଁ; ଏହା ବାଲେଶ୍ୱର ବାସୀଙ୍କ ଏକତା ତଥା ଓଡ଼ିଆ ଜାତିର ସାଂସ୍କୃତିକ ମୂଳ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତୀକ।

ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରେମୀ ଭକ୍ତଙ୍କର ସ୍ୱଚ୍ଛ ଆକର୍ଷିତ ସମାବେଶରେ ଜିଲ୍ଲା ପରିଷଦର ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ୍ କର, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ସମିତି ସଭ୍ୟା ଅନିତା ଜେନା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ଜଗନ୍ନାଥ ପ୍ରେମୀ ଭକ୍ତଗଣ ଉପସ୍ଥିତ ରହି ଏ ପବିତ୍ର କାର୍ଯ୍ୟର ଭାବବିହ୍ୱଳ ପୂର୍ବକ ଗୁଣଗାନ କରିଥିଲେ। ସୂଚନା ଯୋଗ୍ୟ କି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ସମସ୍ତ ଜନସାଧାରଣ ଶ୍ରୀକ୍ଷେତ୍ର ଆସିବା ସମ୍ଭବ ନଥିବାରୁ ପ୍ରତି ପରିବାରରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଅଛି

# ଡାକ କର୍ମଚାରୀ ସମବାୟ ସମିତିର ସାଧାରଣ ସଭା

**ବାଲେଶ୍ୱର, ୭।୧(ସମିସ):** ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବାଲେଶ୍ୱରର ପ୍ରଧାନ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ଅଜୟ ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୩-୨୪ର ବାର୍ଷିକ ବିବରଣୀ ଓ ଆୟବ୍ୟୟର ଆର୍ଥିକ ଅଟକଳ ଉପସ୍ଥାପନ କରିବା ପରେ ତାହା ଅନୁମୋଦନ ଲାଭ କରିଥିଲା। ବିଭିନ୍ନ ପ୍ରସ୍ତାବ ମଧ୍ୟରେ ବର୍ତ୍ତମାନ ଦିଆଯାଉଥିବା ଋଣ ପରିମାଣ ୧ଲକ୍ଷ ୫୦ ହଜାର ସଭ୍ୟମାନଙ୍କୁ ଦିଆଯାଉଛି ଏବଂ ୨୦୨୨ ପର୍ଯ୍ୟନ୍ତ ଅଡିଟ୍ ହୋଇ ବର୍ତ୍ତମାନର ଥିବା ସମସ୍ତ ସମବାୟ ସମିତିର ସଭ୍ୟମାନଙ୍କୁ ଅଂଶଧନ ଉପରେ ଲାଭାଂଶ ଦିଆଯାଇଛି ବୋଲି କହିଥିଲେ। ସମସ୍ତ ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେଇ ସମବାୟ ସମିତିକୁ ଆଗେଇ ନେବାକୁ ଅନୁରୋଧ ରଖିଥିଲେ। ପୂର୍ବତନ କେନ୍ଦ୍ରନେତା ନିରଞ୍ଜନ ରାଉତ ଓ ସଭାପତି ଗୋପାଳ ଚନ୍ଦ୍ର ପଢ଼ିହାରୀ ଯୋଗଦେଇ ସମିତିର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ ଏବଂ ପ୍ରତ୍ୟେକ ସଭ୍ୟ ଋଣ ନେବା ସହିତ ସମବାୟ ସମିତିକୁ ପ୍ରତ୍ୟେକ ମାସ ସର୍ବନିମ୍ନ ୧ଶହ ଟଙ୍କା ଟି.ଡି. ଏକାଉଣ୍ଟକୁ ଦେବାକୁ ନିବେଦନ ରଖିଥିଲେ। ଦୀର୍ଘ ୬୧ବର୍ଷ ଧରି ସ୍ୱର୍ଗତଃ ଜୀବନକୃଷ୍ଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ସମବାୟ ସମିତି ସମସ୍ତଙ୍କ ସହଯୋଗରେ ଆଗେଇ ଚାଲିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ବାଲେଶ୍ୱର ଭଦ୍ରକ ପୋଷ୍ଟାଲ୍ ଡିଭିଜନ୍‌ରୁ ବହୁ ସଭ୍ୟମାନେ ଯୋଗ ଦେଇଥିଲେ। ଏହି ବୈଠକରେ ସମିତିର ୧୫ ଜଣ ବୋର୍ଡ଼ ସଭ୍ୟ ଯୋଗ ଦେଇଥିଲେ। ଉପସଭାପତି ରତ୍ନପ୍ରଭା ଦ୍ୱିବେଦୀ, ରାଜେନ୍ଦ୍ର କୁମାର ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ଜାନା, ବୁଦ୍ଧିରାମ ସିଂ, ଜୟଦେବ ପରିଡ଼ା, ବସନ୍ତ କୁମାର ସିଂହ, ପରମେଶ୍ୱର ବାରିକ, ପ୍ରସନ୍ନ କୁମାର ବିଶ୍?ାଳ, ମହେଶ୍ୱର ନାୟକ, ହରିହର ଭୂୟାଁ, ପ୍ରଭାତ କୁମାର ପଣ୍ଡା, ଦେବାହୂତି ପଣ୍ଡା, ଆହ୍ଲାଦ ବାରିକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗଦାଧର ଭୂୟାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମିତିର ଡାଇରେକ୍ଟର କାର୍ତ୍ତିକ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

● ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ବୈଠକ

# ଆସନ୍ତା ୨ରେ ଜିଲ୍ଲାସ୍ତରୀୟ ଅଧିବେଶନ




**ବାଲେଶ୍ୱର, ୭।୧(ସମିସ):** ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲାସ୍ତରୀୟ ସାଧାରଣ ଅଧିବେଶନ ଆସନ୍ତା ଫେବୃଆରୀ ୨ ତାରିଖରେ ସଙ୍ଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ରବିବାର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଦାମୋଦର ନାୟକ ଗତ ବୈଠକର ବିବରଣୀ ପାଠ କରିଥିଲେ ଓ ଆଲୋଚନା ପାଇଁ ବିଷୟବସ୍ତୁ ଆଗତ କରିଥିଲେ। ଆସନ୍ତା ସାଧାରଣ ଅଧିବେଶନରେ ବାଲେଶ୍ୱର ସମସ୍ତ ବ୍ଲକ ଓ ଆଞ୍ଚଳିକ କମିଟିର ଦୁଇଜଣ ପ୍ରତିନିଧି ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବରିଷ୍ଠ ନାଗରିକ ଓ ଅନ୍ୟ ବର୍ଗର ଜନସାଧାରଣଙ୍କ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ନିର୍ମାଣରେ ପ୍ରଶାସନର ଅବହେଳା, ବରିଷ୍ଠ ନାଗରିକମାନଙ୍କୁ ମାସିକ ଭତ୍ତା ବୃଦ୍ଧି, ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି, ପରିବାର ଦ୍ୱାରା ନିର୍ଯ୍ୟାତିତ ବୟସ୍କ ବ୍ୟକ୍ତିଙ୍କୁ ଆଇନଗତ ସହାୟତା ଓ ପୋଲିସ୍ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପ୍ରମାଣପତ୍ର, ଜିଲ୍ଲା ମୁଖ୍ୟ ଦପ୍ତରକୁ ଆସୁଥିବା ବରିଷ୍ଠ ନାଗରିକଙ୍କ ବିଶ୍ରାମ ନିବାସ ପ୍ରଭୃତି ଦାବି ସମ୍ପର୍କରେ ଆଲୋଚନା ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ଲକ୍ଷ୍ମୀନାରାୟଣ ଘୋଷ, କମଳାକାନ୍ତ ବେହେରା, ଲକ୍ଷ୍ମୀପ୍ରିୟା ଜେନା, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, ଡ. ପଦ୍ମଲୋଚନ ପାତ୍ର, ସୀତାରାମ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ବିଷ୍ଣୁ ମହାନ୍ତି, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଇନଜୀବୀ ନିରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଇଣ୍ଡିଗ୍ରେସନ୍ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା



ବାଲେଶ୍ୱର, ୭।୧(ସମିସ): ଇଣ୍ଡିଗ୍ରେସନ ଯୁବ ମହୋତ୍ସବ ଦଶମ ସଂସ୍କରଣର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ମାନସ ଦତ୍ତ, ଅନ୍ୟତମ ବକ୍ତା ସୁଜିତ ଦେବ ଓ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସବିତା ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୁଶାନ୍ତ ସାହୁ, ସାଧାରଣ ସମ୍ପାଦକ ଗୌତମ ସାହୁ, ଉପସଭାପତି ଅମର ଗିରି, ଡ. ଦେବାଶିଷ ପ୍ରଧାନ, ସହ ସମ୍ପାଦକ ଆଲୋକ କୁମାର ମାଝୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଉପଦେଷ୍ଟା ଚିତ୍ତରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ଲୋକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଓଲିଉଡ଼ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ରାଜେଶ, ଜେସିକା ପ୍ରମୁଖ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ

# ଚାରା ରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୭।୧(ସମିସ): ୟୁକୋ ଆର୍‌ସେଟି ବାଲେଶ୍ୱର ଆନୁକୂଲ୍ୟରେ ୟୁକୋ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଦୀପ୍ ଡାକୁଆ, ଅଞ୍ଚଳ ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ଜୋନାଲ ଅଫିସ, ବାଲେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ମହକୁଳ, ନିର୍ଦ୍ଦେଶକ, ୟୁକୋ ଆର୍‌ସେଟି, ବାଲେଶ୍ୱର, ସୁନିଲ କୁମାର, ହିନ୍ଦୀ ଅଫିସର, ଜୋନାଲ ଅଫିସ, ବାଲେଶ୍ୱର, ଅଭିଷେକ ସ୍ୱାଇଁ, ପ୍ରଶିକ୍ଷକ, ମନୋଜ କୁମାର ବେହେରା, ପ୍ରଶିକ୍ଷକ, ପ୍ରିୟଙ୍କା ସାହୁ, ଅଫିସ ସହାୟକ, ଶଙ୍କର ମାହାଲି, ଅଫିସ ସହାୟକ ଓ ଆରସେଟି ବାଲେଶ୍ୱରର ପ୍ରଶିକ୍ଷାର୍ଥୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସଫଳ କରାଇଥିଲେ।

# 'କୋମଳ ମନର କୋମଳ ଭାବନା' ଉନ୍ମୋଚିତ

**ବାଲେଶ୍ୱର, ୭।୧(ସମିସ):** ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ମମତା ମହାନ୍ତିଙ୍କ ରଚିତ ଶିଶୁଗଳ୍ପ ସଂକଳନ 'କୋମଳ ମନର କୋମଳ ଭାବନା' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସାରସ୍ୱତ ସାଧକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଲେ ଯେ କୋମଳମତି ଶିଶୁମାନେ ହେଉଛନ୍ତି ଭଗବାନଙ୍କ ସ୍ୱରୂପ। ଆମେ ତାଙ୍କୁ ଯେମିତି ଗଢ଼ିବା ସେମାନେ ସେମିତି ଗଢ଼ିହୋଇଯିବେ। ଶିଶୁର ଭବିଷ୍ୟତ




ଗଠନରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ସମୀକ୍ଷା କରିବା ପରିପ୍ରେକ୍ଷୀରେ କହିଲେ ଯେ ପିତାମାତାଙ୍କ ଆଚରଣ ଓ ଉଚ୍ଚାରଣରେ ତଫାତ ରହିଲେ ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ନାହିଁ। ଅନ୍ୟତମ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ପରିଷଦର ସମ୍ପାଦକ ଦୀପକ ବୋଷ, ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଶରତ କୁମାର ମହାପାତ୍ର, ଅରୁଣା ରାୟ, ନିବାରଣ ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, ନିରଞ୍ଜନ ରାଉତ, ଶେଫାଳୀ ତ୍ରିପାଠୀ, ଜ୍ୟୋତ୍ସ୍ନା ରାୟ, ଯୋଗେଶ ପ୍ରଧାନ, ରମାକାନ୍ତ ମହାନ୍ତି, ପ୍ରଦୀପ କୁମାର ମିଶ୍ର, ପ୍ରତାପ କେଶରୀ ହୋତା, ଲକ୍ଷ୍ମଣ ବିଶ୍ୱାଳ, ସଞ୍ଜୟ ପଣ୍ଡା, ସ୍ମୃତି ଦାସ, ତୃପ୍ତିରାଣୀ ପାତ୍ର, ବାସନ୍ତୀ କର, ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ସ୍ନିଗ୍ଧା ସାମନ୍ତରାୟ, ସଙ୍ଗୀତା ବାରିକ, ପଦ୍ମଲୋଚନ ଦତ୍ତ, ପ୍ରମୁଖ ଉପସ୍ଥିତ ଥିଲେ।

# ସେଣ୍ଟ ଜାଭିୟର୍ସ ସ୍କୁଲର କଳା ଓ ବିଜ୍ଞାନ ପ୍ରଦର୍ଶନୀ




**ବାଲେଶ୍ୱର, ୭।୧(ସମିସ):** ବାଲେଶ୍ୱର ପୌରପାଳିକାସ୍ଥିତ ସେଣ୍ଟ ଜାଭିୟର୍ସ ଇଣ୍ଟେରନ୍ୟାସନାଲ ସ୍କୁଲ ପରିସରରେ କଳା ଓ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କଳା, ସଂସ୍କୃତି ଶିକ୍ଷା ଓ ବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ନିଜ ନିଜର ମୌଳିକ ପ୍ରକଳ୍ପ ମାନ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ, ଅଭିଭାବକ ଓ ନିମନ୍ତ୍ରଣ ଅତିଥି ମାନେ ବୁଲି ଦେଖିବା ସହିତ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ବିଶ୍ଳେଷଣକୁ ମନ ଭରି ଉପଭୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମୂଲ୍ୟାୟନକାରି ତଥା ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ସମସ୍ତ ଅଂଶଗ୍ରହଣ କାରି ଓ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ଟ୍ରଫି ପ୍ରଦାନ କରାଯାଇଥିଲା। ଏହିଭଳି କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଉତ୍ତମ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ସହିତ ନୂତନ ପ୍ରତିଭାର ଜନ୍ମ ଓ ବିକାଶରେ ସହାୟତା କରିବ ବୋଲି ଅତିଥିମାନେ ମତବ୍ୟକ୍ତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ଶୋଭାଯାତ୍ରା

# 'ଗାଡ଼ିକୁ ଫ୍ୟାସନର ମାଧ୍ୟମ ନଭାବି ଆବଶ୍ୟକତାର ସାଧନ ମନେକରନ୍ତୁ'

**ବାଲେଶ୍ୱର, ୭।୧(ସମିସ):**

ରାଜ୍ୟ ପରିବହନ ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ଅଧୀନସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆୟୋଜନରେ ରବିବାର ସକାଳେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରୁ ସଡକ ସୁରକ୍ଷା ସଚେତନତା ସୃଷ୍ଟି ନିମନ୍ତେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ରାଲିକୁ ମୁଖ୍ୟ ଅତିଥି ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏବଂ ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ରାଲିରେ ଆରକ୍ଷୀ ଉପ ଅଧୀକ୍ଷକ ବ୍ରଜେଶ୍ୱରୀ ବଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା କ୍ରିଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ପୋଲିସ ଅଧିକାରୀ ପ୍ରଜ୍ଞା ମହାନ୍ତି ଓ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସମାପ୍ତ ହେବା ପରେ ସେଠାରେ ଆୟୋଜିତ ଏକ ସଂକ୍ଷିପ୍ତ ସଭାରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ନାଥ କହିଥିଲେ ଯେ, ଗାଡ଼ିକୁ ଫ୍ୟାସନର ମାଧ୍ୟମ ଭାବେ ବ୍ୟବହାର ନକରି ଆବଶ୍ୟକତାର ସାଧନ ଭାବେ ବ୍ୟବହାର କଲେ ନିଜର ସୁରକ୍ଷା ସହିତ ଅନ୍ୟର ସୁରକ୍ଷା ନିଶ୍ଚିତ କରାଯାଇପାରିବ। ସେ ଛାତ୍ରଛାତ୍ରୀମାନଙ୍କୁ ଗାଡି ଚାଳନା ବେଳେ ହେଲମେଟ ପିନ୍ଧିବା ପାଇଁ ପ୍ରତିଜ୍ଞା କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଥିଲେ ଯେ ଆମର ନିତ୍ୟ ଜୀବନରେ ସଡକ ବ୍ୟବହାରର ବହୁଳ ଆବଶ୍ୟକତା ଏବଂ ଅଧୁନା ରାସ୍ତାରେ ଯାନ ବାହାନର ଭିଡ଼କୁ ଦୃଷ୍ଟିରେ ରଖି ଅତ୍ୟନ୍ତ ସତର୍କତାର ସହ, ପ୍ରତ୍ୟେକ ସଡ଼କ ନିୟମ ମାନି ଗାଡି ଚଳେଇଲେ ନିଜର ସୁରକ୍ଷା ସହ ପରିବାରର ରକ୍ଷା ସୁନିଶ୍ଚିତ କରାଯାଇପାରିବ। ଗାଡି ଚାଳନା ବେଳେ ଫ୍ୟାସନ ଓ ଜୀବନ ମଧ୍ୟରୁ ଜୀବନକୁ ବାଛିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ସଡକ ସୁରକ୍ଷା ସମ୍ପର୍କିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ସଡକ ସୁରକ୍ଷା ସଚେତନତା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ପ୍ରକାଶ ଥାଉକି, ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତଥା ଜିଲ୍ଲାରେ ପାଳନ କରାଯାଉଥିବା ସଡକ ସୁରକ୍ଷା ସପ୍ତାହର ଆଜି ଉଦ୍‌ଯାପନୀ ଦିବସ ଥିଲା।




ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶିତ

# ପେସାଦାର ଅପରାଧୀ ଠାରୁ ମାରଣାସ୍ତ୍ର ଜବତ



**ଘସିପୁରା, ୭।୧(ସମିସ):** ରାମଚନ୍ଦ୍ରପୁର ପୁଲିସ ଜଣେ ପେସାଦାର ଅପରାଧୀକୁ ଗିରଫ କରିବା ସହ ବିପୁଳ ପରିମାଣରେ ମାରଣାସ୍ତ୍ର ଜବତ କରଛି। ଥାନା ଅଧିକାରୀ ବିଜୟକୁମାର ସିଂହଙ୍କ ସୂଚନା ମୁତାବକ ଗତକାଲି ରାତିରେ ରାମଚନ୍ଦ୍ରପୁର ପୁଲିସ ୨୦ ନମ୍ବର ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜା ନିକଟରେ ବିଳମ୍ବିତ ରାତ୍ରିରେ ପାଟ୍ରୋଲିଂ କରୁଥିବା ସମୟରେ ପୁଲିସ ଗାଡିକୁ ଦେଖି ଜଣେ ଯୁବକ ଦୌଡି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ଉକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। ଉକ୍ତ ଯୁବକ ନିକଟରୁ ଦୁଇଟି ମୋବାଇଲ ସହ ଅନେକ ମାରଣାସ୍ତ୍ର, ନଗଦ ୨୦୫୦ ଟଙ୍କା ଏବଂ ଏକ ଓଡିଶା୪ସି ୨୪୫୬ ନମ୍ବର ଥିବା ନାଲି ରଙ୍ଗର ବାଇକ ଜବତ ହୋଇଛି। ଅଭିଯୁକ୍ତ ଯୁବକ ଘସିପୁରା ଥାନା ଗୁହାଳିଆ ଗ୍ରାମର ଲିଟୁ ଯେନା (୨୮) ବୋଲି ଜଣାପଡ଼ିଛି। ଥାନାରେ ଅଧିକ ପଚାରା ଉଚରା ପରେ ସେ ଜଣେ ପେସାଦାର ଅପରାଧି ବୋଲି ପୁଲିସ ଜାଣିବାକୁ ପାଇଛି। ଉକ୍ତ ଯୁବକ ନାଁରେ ରାମଚନ୍ଦ୍ରପୁର ଥାନାରେ ୧୫/୨୪ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘସିପୁରା ଥାନାରେ ୧୩୩/୨୦ ପୂର୍ବରୁ ଅପରାଧିକ ମାମଲା ପୂର୍ବରୁ ରୁଜୁ ହୋଇଥିବା ସୂଚନା ମିଳିଛି। ରାମଚନ୍ଦ୍ରପୁର ଏବଂ ଘସିପୁରା ଥାନା ଅଞ୍ଚଳରେ ବିଭିନ୍ନ ଅପରାଧିକ ଏବଂ ରାହାଯାନୀ କାର୍ଯ୍ୟକଳାପରେ ଏକାଧିକ ସମ୍ପୃକ୍ତି ଥିବା ପୁଲିସ କହିଛି।

# ଅନୁକୂଳଚନ୍ଦ୍ରଙ୍କ ଧୃତିପାଳୀ ମହୋତ୍ସବ





**ତୁରୁମୁଙ୍ଗା, ୭।୧(ସମିସ):** ପାଟଣା ବ୍ଲକ କେନ୍ଦେଇପଶିଠାରେ ରବିବାର ଶ୍ରୀଶ୍ରୀଠାକୁର ଅନୁକୁଳଚନ୍ଦ୍ରଙ୍କର ୧୩୬ତମ ଶୁଭ ଜନ୍ମ ବାର୍ଷିକୀ ଅବସରରେ ଧୃତିପାଳୀ ମହୋତ୍ସବ ଏବଂ ମୁରୁସୁଆଁ ସତ୍‌ସଙ୍ଗ ଶ୍ରୀମନ୍ଦିରର ପ୍ରଥମ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ଅବସରରେ ଧୃତିପାଳୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

କେନ୍ଦୁଝର ଜିଲ୍ଲା ସତସଙ୍ଗ ସଭାପତି ଡ. ବେଣୁଧର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଋତ୍ୱିକ୍ ଜୟନ୍ତ ଦାସ, ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୩ ଜଣଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିରେ ଡ. ଉଜ୍ୱଳ କୁମାର ସାହୁ, ଶରତଜ୍ୟୋତି କର ସମେତ ଯୁବ ସାମ୍ବାଦିକ ସନ୍ତୋଷ କୁମାର ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଉଷା କୀର୍ତ୍ତନ, ସମବେତ ବିନତୀ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ଶ୍ରୀବିଗ୍ରହଙ୍କ ନଗର ପରିକ୍ରମା କରାଯାଇଥିଲା। ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ କରାଯାଇଥିଲା। ମାତୃ ସମ୍ମିଳନୀ ସହ ସାଂସ୍କୃତିକ ଓ ଆତସବାଜି କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

■ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ



**କେନ୍ଦୁଝର, ୭।୧(ସମିସ):** ଆଞ୍ଚଳିକ ପରିବହନ ପ୍ରାଧିକରଣ କେନ୍ଦୁଝର ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏସ୍.ପି. ନୀତିନ୍ କୁଶଲକର ଯୋଗଦେଇ ସଡ଼କ ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ବୋଧନ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାଶ ଦୃଢ ମାନସିକତା ଓ ଆନ୍ତରିକତା ମନୋଭାବ ପୋଷଣ କରି ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି କହିଥିଲେ। ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ସଞ୍ଜୀବ ବାରିକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଡିଏସ୍‌ପି ଅମ୍ବିତ ମହାନ୍ତି, ଟାଉନ୍ ଥାନା ନିରୀକ୍ଷକ ସୁନିଲ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁଡ୍ ସମାରିଟନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରକଳା, ସ୍ଲୋଗାନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସମାରୋହ ଅବସରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଜୁନିୟର ଏମ୍‌ଭିଆଇ ରାଜେଶ ମହାପାତ୍ର, ଟ୍ରାଫିକ୍ ଇନିସ୍‌ପେକ୍ଟର ସୁକୁରାମ ସୋରେନ୍, ଏଟିଏସଆଇ ପହଲି ନାୟକ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ବିଜୟ କୁମାର ମହାନ୍ତ, ଭରତ ପଲେଇ, ଦିବ୍ୟରଞ୍ଜନ ମହାନ୍ତ, ସଂଗ୍ରାମ ମଲ୍ଲିକ, ତପନ ନାଏକ, ଲକ୍ଷ୍ମଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ













**ଚମ୍ପୁଆ, ୭।୧(ସମିସ)**

ଆସନ୍ତା ଜାନୁଆରୀ ୧୭ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ତୃଣମୂଳ ସ୍ତରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ କରାଯାଇଛି। ଏହି କ୍ରମରେ ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ଶଶାଙ୍ଗ ଗାଁରୁ ପ୍ରଥମେ ଗଡ଼ିଛି ଶ୍ରୀଜଗନ୍ନାଥଙ୍କ ପ୍ରଚାର ରଥ। ରଜିଆ ସରପଞ୍ଚ ସନ୍ତୋଷ ନାଏକ ଏହି ରଥକୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇଥିଲେ। ଭଜନ କୀର୍ତ୍ତନ ସହ ଶଙ୍ଖନାଦ, ହୁଳହୁଳି ଧ୍ୱନିରେ ଗାଁ ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଏହି ରଥ ଘରକୁ ଘର ବୁଲି ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଏହି ଅବସରରେ ପଞ୍ଚାୟତର ସମସ୍ତ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

**ପାଟଣା:** ପାଟଣାର ବୈତରଣୀ ନଦୀ ତଟରେ ଥିବା ପରମେଶ୍ୱର ମନ୍ଦିରରୁ ଶ୍ରୀଜଗନ୍ନାଥ ପ୍ରଚାର ରଥ ଗଡ଼ିଛି। ଏହି ରଥ ଦ୍ୱାରା ବ୍ଲକର ସମସ୍ତ ପଞ୍ଚାୟତ ବୁଲି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରି ପୁରୀ ଜଗନ୍ନାଥ ମନ୍ଦିର ପଠାଯିବ ବୋଲି ଜଣାପଡ଼ିଛି। ପାଟଣା ବିଡିଓ ଶିବ ପ୍ରସାଦ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲ୍ଲା ପରିଷଦ ସଭ୍ୟ ରୁନୁ ମହାନ୍ତ, ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ, ବଡ଼ପାଟଣା ସରପଞ୍ଚ ବିନତି ବାନାରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ବଡପାଟଣା ପିଇଓ ସୁଧାଂଶୁ ପାଇକରାୟ, କନିଷ୍ଠ ଯନ୍ତ୍ରୀ ଲାଖାଇ ମୁର୍ମୁ, ଗ୍ରାମରୋଜଗାର ସେବକ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ପ୍ରଶାନ୍ତ ଭଞ୍ଜଦେଓ, ରଞ୍ଜନ କୁମାର ବାରିକଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ ଏବଂ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

**କେନ୍ଦୁଝର:** ଯୋଡ଼ା ପୌରପାଳିକା ପକ୍ଷରୁ ଆଜି ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ପୌରପାଳିକାର ବିଭିନ୍ନ ୱାର୍ଡର ପ୍ରତିଟି ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଉଛି। ପୌରପାଳିକା ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ର, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୂର୍ବତନ କାଉନସିଲର ଜିତେନ୍ଦ୍ର ଜୟସ୍ୱାଲ, ହୃଷୀକେଶ ଜେନା ପ୍ରମୁଖ ଯୋଗ ଦେଇ ରଥ ପୂଜାର୍ଚ୍ଚନା ଓ ନଡ଼ିଆ ବାଡେଇ ଶୁଭାରମ୍ଭ କରିଥିଲେ।

■ ସଢ଼ା, ମିଠିଗାଁରେ ହିତାଧିକାରୀଙ୍କ ଘର ଅଧପନ୍ତରିଆ।

# ମିଳିଥିବା ଅନୁଦାନ ପାଇନାହାନ୍ତି ଖଣି କ୍ଷତିଗ୍ରସ୍ତ ପରିବାର

**ଆନନ୍ଦପୁର, ୭।୧ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଖଣି କ୍ଷତିଗ୍ରସ୍ତ ପରିବାରଙ୍କୁ ବିଜୁ ପକ୍କାଘର ଯୋଗାଇ ଦେବା କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସଢ଼ା ପଞ୍ଚାୟତର ୫ ଜଣ ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ କନିଷ୍ଠ ଯନ୍ତ୍ରୀ ୩ ଲକ୍ଷ ୫୫ ହଜାର ଟଙ୍କା ଉଠାଇ ନେଇଥିବା ଲୋକାୟୁକ୍ତଙ୍କ ତଦନ୍ତରେ ଜଣାଯାଇଛି। ସଢ଼ା ପଞ୍ଚାୟତର ଗଗନ ବିହାରୀ ବେହେରା, ଜଗନ୍ନାଥ ନାୟକ, ଅନନ୍ତ ଚରଣ ପହି, ଉମାକାନ୍ତ ସ୍ୱାଇଁ, ରଘୁନାଥ ସାମଲ, ବଳରାମ ଦାସ ଲୋକାୟୁକ୍ତଙ୍କ ନିକଟରେ ବିଜୁ ପକ୍କାଘର ଯୋଜନାରେ ହୋଇଥିବା ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଲୋକାୟୁକ୍ତ ୬୧୩/୨୦୨୧ ନଂ.ରେ ଏକ ମାମଲା ରୁଜୁ କରି ୨୦୨୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତକାରୀ ଦଳ ୨୦୨୩ ମେ' ୧ ତାରିଖରେ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ଦୁର୍ନୀତି ଓ ଅନିୟମିତତା ପ୍ରମାଣିତ ହୋଇଥିଲା। ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗକାରୀ ଏନେଇ ଗୁରୁତର ଅଭିଯୋଗ କରିଥିଲେ। ଗୃହ ନିର୍ମାଣ ବାବଦକୁ ମିଳୁଥିବା ସରକାରୀ ଆର୍ଥିକ ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଅକାଉଣ୍ଟକୁ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିଲେ ମଧ୍ୟ ହାଟଡିହି ବ୍ଲକର କନିଷ୍ଠ ଯନ୍ତ୍ରୀ ନିଜ ଆକାଉଣ୍ଟରେ ଏହି ଅର୍ଥ ଉଠାଇନେବା ଘଟଣା ପରିତାପର ବିଷୟ। ସେହିପରି ୧୦ ଜଣ ହିତାଧିକାରୀମାନଙ୍କ ମଧ୍ୟରୁ ୫ ଜଣଙ୍କ ଘର ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୫ ଜଣଙ୍କ ଘର ଏବେବି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ମିଠିଗାଁ ଗ୍ରାମର ସୁନାରାମ ଟୁଡୁଙ୍କ ପତ୍ନୀ ସୁକୁଲେଇ ଟୁଡୁ ଖଣି କ୍ଷତିଗ୍ରସ୍ତ ହିତାଧିକାରୀ ଭାବେ ପ୍ରଥମ କିସ୍ତି ବାବଦକୁ ୨୦ ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୧ ଲକ୍ଷ ୧୦ ହଜାର ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହି ଗ୍ରାମର ଘାସିରାମ ହେମ୍ବ୍ରମଙ୍କ ସ୍ତ୍ରୀ ରାଣୀ ହେମ୍ବ୍ରମଙ୍କ ୧ ଲକ୍ଷ ୧୦ ହଜାର, ପ୍ରଭାତ କୁମାର ମାରାଣ୍ଡିଙ୍କ ୨୫ ହଜାର, ଦୁଃଖୀରାମ ମାଝୀଙ୍କ ୩୦ ହଜାର, ପଦ୍ମାବତୀ ଜେନାଙ୍କ ୩୦ ହଜାର; ମୋଟ ୩ ଲକ୍ଷ ୫୫ ହଜାର ଟଙ୍କା ଉଠାଇଥିଲେ ମଧ୍ୟ ହିତାଧିକାରୀଙ୍କ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା ଏବଂ ଅର୍ଥ ହଡପ ଅଭିଯୋଗରେ ବିଡିଓଙ୍କ ସମେତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତିରାଜ ବିଭାଗ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବ୍ଲକ୍ କୃଷି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ତେଲକୋଇ, ୭।୧(ସମିସ):** ତେଲକୋଇ ବ୍ଲକ କୃଷି ଅଧିକାରୀ ରାଜୀବ ଲୋଚନ ବେହେରାଙ୍କୁ କୃଷି କାର୍ଯ୍ୟାଳୟ ସଭା ଗୃହ ଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷି ଜିଲ୍ଲା ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ମୃତ୍ତିକା ରସାୟନବିତ ରବିନାରାୟଣ ସାହୁ, ଅବସରପ୍ରାପ୍ତ କୃଷି ଅଧିଦର୍ଶକ୍ ହର ମୋହନ ସାହୁ, ଯଯାତୀ କୁମାର ପ୍ରଧାନ ଅନ୍ତର୍ଭୁକ୍ତ ରହିଥିଲେ। ସେହିପରି ତେଲକୋଇ ବ୍ଲକ କୃଷି କାର୍ଯ୍ୟାଳୟର ସମସ୍ତ କୃଷି ଅଧିଦର୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଆତ୍ମର କର୍ମଚାରୀ ଗଣ ସାମିଲ ହୋଇଥିଲେ। ବିଦାୟୀ ବ୍ଲକ କୃଷି ଅଧିକାରୀଙ୍କର ପଦୋନ୍ନତିରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳକୁ କୃଷି ଜିଲ୍ଲା ଅଧିକାରୀ ଭାବରେ ବଦଳି ହୋଇଛି। ଏହି କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ଗୋଲେଖ ଚନ୍ଦ୍ର ସାହୁ, ଆହାର ଧାନ ମହାନ୍ତ ଓ ଜ୍ଞାନେନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ।

# ମାର୍‌ପିଟ୍ ଅଭିଯୋଗରେ ଜଣେ ଗିରଫ

**ଘସିପୁରା, ୭।୧(ସମିସ):** ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗ୍ରାମରେ ସାମାନ୍ୟ ବଚସାରୁ ମାର୍‌ପିଟ୍ ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ଏଥିରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ କୌଣସି କଥାକୁ ନେଇ ପଣ୍ଡୁଆ ଗାଁର ମୁନ୍ନା ଯେନା(୨୪) ସହିତ ସେହିଗ୍ରାମର ଗତିକୃଷ୍ଣ ଚକ୍ର (୫୫)ଙ୍କର ବଚସା ଏବଂ ପରେ ହାତାହାତି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୁନ୍ନା ଓରଫ ସୁଜିତ ଏକ ଧାରୁଆ ଅସ୍ତ୍ରରେ ଗତିକୃଷ୍ଣଙ୍କୁ ଆକ୍ରମଣ କରିଥିଲା। ଫଳରେ ଗତିକୃଷ୍ଣ ଗୁରୁତର ଆହାତ ହୋଇ ସାଇଁକୁଳ ମେଡିକଲରେ ଭର୍ତ୍ତି ହୋଇଥିଲେ। ଗତିକୃଷ୍ଣଙ୍କ ଏତଲା ଆଧାରରେ ୧୪/୨୪ରେ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ ହେବା ପରେ ଅଭିଯୁକ୍ତ ମୁନ୍ନ ଯେନାକୁ ଆଜି ଗିରଫ କରି ପୁଲିସ୍ କୋର୍ଟଚାଲାଣ କରିଛି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୃକ୍ଷରୋପଣ



**ଘସିପୁରା, ୭।୧(ସମିସ):** ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜିବ କୁମାର ରାଉତଙ୍କ ସଂଯୋଜନାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ଗଛର ସୁରକ୍ଷା ପାଇଁ ତାରବାଡ ବ୍ୟବସ୍ଥା କରିଛନ୍ତି। ଡାକ୍ତରଖାନା ପରିସରରେ କଦମ୍ବ, ରବର ପ୍ରଭୃତି ଔଷଧିୟ ଏବଂ ଛାଇ ଯୁକ୍ତ ବୃକ୍ଷରୋପଣ କରାଯାଇଛି। ଏଥିରେ ଡା. ରାଜେନ୍ଦ୍ର ମୁର୍ମୁ, ଡା. ସୁଚରିତା ପଟ୍ଟନାୟକ, ବିପିଏମ ଦେବାଶିଷ ପଟ୍ଟନାୟକ, ରବିନାରାୟଣ ରାଉତ, ମନୋଜ ପଟ୍ଟନାୟକ, ବଦ୍ରିନାରାୟଣ ରାଉତ, ଏଲ୍‌ଟି ପିଙ୍କନ ଚକ୍ର, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ, ଆଶୁତୋଷ ସାହୁ ସମେତ ଡାକ୍ତରଖାନାର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶୀତୁଆ ସକାଳରେ ଚଳଚଞ୍ଚଳ ତଳବନ୍ଧ ଡ୍ୟାମ୍

**ଘସିପୁରା, ୭।୧(ସମିସ)**



ଶୀତ ଋତୁ ଆଗମନରେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ଅସମ୍ଭାଳ ଭିଡ଼ ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ବଣପାହାଡ଼ ଘେରା କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ଛାଡି ଦେଲେ ଜିଲ୍ଲାର କୋଣ ଅନୁକୋଣରେ ଏବେ ବି ଅନେକ ପିକନିକ୍ ସ୍ପଟ୍ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଆନନ୍ଦପୁର

**● ପିକ୍‌ନିକ ପାର୍ଟିଙ୍କ ଲାଗିଲାଣି ଭିଡ଼**

ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ଜଙ୍ଗଲ ସନ୍ନିକଟ ପୁରୁଣାବାନ୍ଧଗୋଡା ପଞ୍ଚାୟତ କୀର୍ତ୍ତନପାଟିଆ ଆଦିବାସୀ ବସ୍ତି ନିକଟରେ ରହିଛି ଏମିତି ଏକ ଡ୍ୟାମ। ଯାହା ଦୃଷ୍ଟି ଆଢୁଆଳରେ ରହିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ବଣଭୋଜିର ପ୍ରକୃଷ୍ଟ ସ୍ଥାନ ପାଲଟିଛି। ବିଶେଷ କରି ଯୁବପିଢ଼ି ଏବଂ ସ୍ଥାନୀୟ ଅଞ୍ଚଳର ଲୋକେ ପରିବାର ଲୋକଙ୍କୁ ସାଙ୍ଗରେ ଧରି ଜଙ୍ଗଲ ପରିବେଶର ପ୍ରାକୃତିକ ମଜା ନେବା ସହ ତଳବନ୍ଧ ଡ୍ୟାମ କଡରେ ରୋଷେଇ ବାସ କରି ଭୋଜିଭାତ କରିବା ସହ ପାଣିରେ ଗାଧୋଇବାର ମଜା ନେଉଛନ୍ତି। ବିସ୍ତିର୍ଣ୍ଣ ଆକାଶିଆ ବୃକ୍ଷ ମୂଳରେ ଆଗନ୍ତୁକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଉଛନ୍ତି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନୀ ସ୍ଥଳରେ ପ୍ରବଳ ଜନ ସମାଗମ ଯୋଗୁଁ ଅନେକ ସମୟରେ ପିକ୍‌ନିକ ପାର୍ଟି ନିଜ ନିଜ ନିଜ ମଧ୍ୟରେ କଳି ଝଗଡ଼ା ଲାଗିବା ଯୋଗୁଁ ଲୋକେ ଦୂରଦୂରାନ୍ତକୁ ଯିବାକୁ ଉଚିତ ନମଣି ଏହି ସ୍ଥାନକୁ ସୁରକ୍ଷିତ ମଣୁଛନ୍ତି। ବିଶେଷ କରି ଡିସେମ୍ବର, ଜାନୁଆରୀ ନୂଆବର୍ଷ, ବଡ଼ଦିନ ସହ ଛୁଟି ଦିନ ମାନଙ୍କରେ ଏଠି ପ୍ରବଳ ଜନସମାଗମ ହେଉଛି।

କେନ୍ଦୁଝର, ଯାଜପୁର ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଛକରୁ ପଶ୍ଚିମ ଦିଗକୁ ମାତ୍ର ୭ କିଲୋମିଟର ଦୂରରେ ରହିଛି କେନ୍ଦୁଝର ଜିଲ୍ଲାର ଚିତ୍ରା ହରିଣଙ୍କ ଏନ୍ତୁଡିଶାଳ ବରାଙ୍ଗ ଜଙ୍ଗଲ। ଏହାରି ମଧ୍ୟରେ ଘଞ୍ଚ ବନାନୀ ପ୍ରାକୃତିକ ଜଙ୍ଗଲ ପରିବେଶ ସହିତ ଜଙ୍ଗଲ ସନ୍ନିକଟ ପୁରୁଣାବାନ୍ଧଗୋଡା ଗାଁ ମୁଣ୍ଡ ଆଦିବାସୀ ବସ୍ତିର ଅନତି ଦୂରରେ ରହିଛି ଏହି ତଳବନ୍ଧ ଡ୍ୟାମ। ପାଖାପାଖି ୨୫ ଏକରରୁ ଉର୍ଦ୍ଧ୍ୱ ଜାଗାରେ ରହିଛି ଏହି ଡ୍ୟାମ। ଜଙ୍ଗଲ ବିଭାଗ ତରଫରୁ ହରିଣ ଓ ବନ୍ୟପ୍ରାଣୀଙ୍କ ତୃଷ୍ଣା ମେଣ୍ଟାଇବାକୁ ଏହା ଖୋଳା ଯାଇଥିଲା। ପ୍ରାକୃତିକ ଦୁର୍ବିପାକ ଓ ମୃତ୍ତିକା କ୍ଷୟ ହେବା ଯୋଗୁଁ ତଳବନ୍ଧ ଡ୍ୟାମ ଧୀରେଧୀରେ ପୋତି ହୋଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଡ୍ୟାମଟି ବନ ବିଭାଗର ଅଧୀନରେ ଥିବାରୁ ବନବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବା ସହ ପିକ୍‌ନିକ ପାର୍ଟିଙ୍କ ଭୋଜିଭାତର ସୁବ୍ୟବସ୍ଥା କରାଯିବାକୁ ଡ୍ୟାମ କଡ଼େ କଡ଼େ କିଛି ପିଣ୍ଡି ନିର୍ମାଣ କରାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସହିଦ ସୁଶାନ୍ତ ଖୁଣ୍ଟିଆ ଫିଟ୍‌ନେସ୍ ପାର୍କ ସଫେଇ



**ଆନନ୍ଦପୁର, ୭।୧(ସମିସ):** ଆନନ୍ଦପୁର ବ୍ୟାରେଜ ନିକଟରେ ଥିବା ସହିଦ ସୁଶାନ୍ତ ଖୁଣ୍ଟିଆ ଫିଟ୍‌ନେସ୍ ପାର୍କ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଭିତର ଓ ବାହାରେ ଅଳିଆ ଅବର୍ଜନା ପଡ଼ି ରହୁଥିବାରୁ ପରିବେଶ ଦୂଷିତ ହେବା ସହ ପ୍ରତ୍ୟେକ ଦିନ ପାର୍କକୁ ବୁଲିବାକୁ ଆସୁଥିବା ମହିଳା ଓ ଶିଶୁମାନେ ଅସ୍ୱାସ୍ଥ୍ୟକାର ପରିବେଶ ଯୋଗୁ କ୍ଷୋଭ ପ୍ରକାଶ କରୁଛନ୍ତି। ତେବେ ସହିଦଙ୍କ ସାଙ୍ଗମାନେ ରବିବାର ପାର୍କକୁ ବୁଲିବାକୁ ଆସି ଅଳିଆ ଅବର୍ଜନା ପଡ଼ିଥିବାର ଦେଖି ସଫେଇ କାର୍ଯ୍ୟ କରିଥିଲେ। ସନ୍ଧ୍ୟାରେ ବିଜୁଳି ନଥିବାରୁ ପାର୍କଟି ଅନ୍ଧାରରେ ରହୁଥିବାରୁ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପୌରପରିଷଦ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପାର୍କଟିକୁ ସଫା ରଖିବା ସହ ଆଲୋକର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ପ୍ରାକ୍ତନ ସଂସ୍କୃତ ପଣ୍ଡିତଙ୍କ ପରଲୋକ



**ଖଇରା, ୭ ।୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡଗରପଡ଼ା ପଞ୍ଚାୟତ ଅଧୀନ ନରଣପୁର ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ରଘୁନାଥ ପାଢ଼ୀ(୭୨)ଙ୍କର ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ପାଇ ଅଗଣିତ ଛାତ୍ରୀଛାତ୍ର, ବନ୍ଧୁବାନ୍ଧବ, ଶୁଭେଚ୍ଛୁ, ସାମ୍ବାଦିକ ସଂଘର ସଦସ୍ୟ ମାନେ ଘରକୁ ଯାଇ ଶେଷଦର୍ଶନ କରିଥିଲେ। ଅନନ୍ତ ପ୍ରସାଦ ଉଚ୍ଚଇଂରାଜୀ ବିଦ୍ୟାଳୟରୁ ସଂସ୍କୃତ ଶିକ୍ଷକ ଭାବେ ଅବସର ଗ୍ରହଣ କରିବାପରେ ଜଣେ କର୍ମକାଣ୍ଡି ବ୍ରାହ୍ମଣ ଭାବେ ପୁରୋହିତି କାର୍ଯ୍ୟ କରୁଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟ ସମ୍ବର୍ଦ୍ଧିତ



**ଜଳେଶ୍ୱର ବ୍ଲକ, ୭ ।୧(ସମିସ):** ରାଜ୍ୟ ସରକାରଙ୍କ ଯୁବ ବିକାଶ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମରେ ଚଳିତବର୍ଷ ଦୀନକୃଷ୍ଣ ମହାବିଦ୍ୟାଳୟ ଜିଲ୍ଲାରେ ପ୍ରଥମ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବାରୁ ଟ୍ରଫି ଓ ପ୍ରମାଣପତ୍ର ଦିଆଯାଇଥିବା ବରିଷ୍ଠ ପ୍ରାଧ୍ୟାପକ ଡ. ହିମାଂଶୁ କୁମାର ସାମଲ କହିଛନ୍ତି। ଏଥିରେ ଆଜି ୧୫୫ ଜଣ ଛାତ୍ରଛାତ୍ରୀ ଦୀନକୃଷ୍ଣ କଲେଜରୁ ବାଲେଶ୍ୱରଠାରେ ଅନୁଷ୍ଠିତ ଉତ୍ସବରେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶୀ ଗ୍ରୁପ ଡ୍ୟାନ୍ସରେ ପ୍ରିୟଙ୍କା ରାଜ ଓ ସ୍ମୃତି ସରଗମ ସାହୁ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଶୁଭଙ୍କର ପାତ୍ର କୃତିତ୍ୱ ଅର୍ଜନ କରିଥିବାରୁ ମହାବିଦ୍ୟାଳୟକୁ ୩୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଅଧ୍ୟାପକ ଧନେଶ୍ୱର ସେଠୀ, ରାଜେନ୍ଦ୍ର ମାଳୀ, ରାଜନ ମଲ୍ଲିକ, ଇନ୍ଦିର ପ୍ରିୟଦର୍ଶନୀ ଗିରି ଉପସ୍ଥିତ ଥିଲେ। ଦିଲୀପ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି କମଳାକାନ୍ତ ଚାନ୍ଦ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭୋଳାନାଥ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା

**ଚନ୍ଦନେଶ୍ୱର, ୭ ।୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ହୁଗୁଳି ପଞ୍ଚାୟତ ଅଧୀନ ଭୋଳାନାଥ ବିଦ୍ୟାପୀଠ ବାଡ଼ ସରିଶାଠାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଆମର କୁମାର ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅଜିତ କୁମାର ସେନାପତି ପରିଚାଳନା କରିଥିଲେ। ଶିକ୍ଷକ ଭାଗବତ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଦାସ ଅଧିକାରୀ, ପ୍ରଭାକର ପ୍ରିଚିକା, ରାମକୃଷ୍ଣ କର, ଶଙ୍କର ସିଂ, ଜେପି ମନିକା, ସୁପ୍ରିୟା ବେହେରା, ସିଲା ସିଂ, ଟୁକୁନା ରାମ, ରାଧାଶ୍ୟାମ ଦାସ, ମନାଲିସା ପ୍ରଧାନ, ମଧୁମିତା ପ୍ରଧାନ, ବ୍ରଜବିହାରୀ ଦାସ, ଜ୍ୟୋତ୍ସ୍ନା ରାଣୀ ଦେ, ଦୀନବନ୍ଧୁ ଶଙ୍ଖୁଆ, ସାବିତ୍ରୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## କୀଟନାଶକ ପରିଚାଳନା ପରାମର୍ଶ ଶିବିର




**ଚୌକି, ୭ ।୧(ସମିସ):** ଭୋଗରାଇ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସମନ୍ୱିତ କୀଟ ପରିଚାଳନା ସମ୍ପର୍କିତ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଗୋଷ୍ଠୀ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କୃଷକସାଥୀମାନଙ୍କୁ କୃଷି କ୍ଷେତ୍ରରେ ବିନା ରାସାୟନିକ କୀଟନାଶକ ବ୍ୟବହାର କିମ୍ବା ସ୍ୱଳ୍ପ କୀଟନାଶକ ଓ ଜୈବ କୀଟନାଶକ ବ୍ୟବହାରକରି କିଭଳି ରୋଗପୋକ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଭୋଗରାଇ ବ୍ଲକର ପୁରାତନ ଓ ନୂତନଙ୍କୁ ମିଶାଇ ମୋଟ ୮୪ ଜଣ କୃଷକ ସାଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷି ଓଭର ସିୟର ରାଜେନ୍ଦ୍ର ବଲ୍ଲଭ ଗୋସ୍ୱାମୀ ଓ ଅରୁଣ କୁମାର ପ୍ରଧାନ ସହଯୋଗ କରିଥିଲେ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ସୋର, ୭ ।୧(ସମିସ):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଧାମ, ମଙ୍ଗଳପୁରଠାରେ ଶିକ୍ଷା ଅନୁଷ୍ଠାନର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଥମେ ଅନୁଷ୍ଠାନର ପିଲାମାନଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପଣ୍ଡା ଯୋଗଦେଇ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିଶୁ ସାହିତ୍ୟିକ ଦେବେନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ନିହାରିକା ଦାସ, ସୁଦାମ ଚରଣ ବେହେରା, ପରମାନନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ଲକ୍ଷ୍ମଣ ପ୍ରସାଦ ବାରିକ୍। ସ୍କୁଲର ଅଧକ୍ଷ ଶମ୍ଭୁନାଥ ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ମାତୃଧାମ ଟ୍ରଷ୍ଟର ସୁଦାମ ଭାଇ, ପର୍ଶୁରାମ ଭାଇ, ପ୍ରଦୀପ ଭାଇ, ନବଭାଇ, ନାରଣ ନନା ପ୍ରମୁଖ ଉପସ୍ଥତ ଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ



**ବାଲେଶ୍ୱର, ୭।୧(ସମିସ):** ସାମାଜିକ ଅନୁଷ୍ଠାନ ହେଲ୍‌ଫି ସୋସାଇଟି ପକ୍ଷରୁ ସପ୍ତାହର ପ୍ରତ୍ୟେକ ରବିବାର ୭ଟାରୁ ୧୦ଟା ଯାଏ ବାଲେଶ୍ୱର ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ କରାଯାଉଛି। ସେହି କ୍ରମରେ ଆଜି ସମସ୍ତ ପ୍ରତିମୂର୍ତ୍ତି ସଫେଇ କରାଯାଇଥିଲା। ସଂଗଠନ ସଭାପତି ହ୍ରିତିକ ନାୟକ ସପ୍ତାହର ଗୋଟିଏ ଦିନ ସଂଗଠନ ସହ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମହାପୁରୁଷଙ୍କ ପାଇଁ ସମୟ ଦେବାକୁ ସମସ୍ତ ଯୁବପିଢ଼ି ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନ ଉପସଭାପତି ଜୀବନ ସଂଗ୍ରାମ ମିଶ୍ର, ସାଧାରଣ ସମ୍ପାଦକ ଅରୂପ କୁମାର ସାହୁ, ପ୍ରୀତିରଞ୍ଜନ ପରିଡ଼ା, ସୌମ୍ୟ ରଞ୍ଜନ ମହାପାତ୍ର, ହୃଷିକେଶ ମହାରଣା, ପାପୁନ ମହାଳିକ, ଗୌରବ କର, ପ୍ରତ୍ୟୁଷ ସେନ୍, ଦେବାଶିଷ ଆଚାର୍ଯ୍ୟ, ଅନୁରାଗ ବେହେରା ପ୍ରମୁଖ ସଫେଇ କାର୍ଯ୍ୟକ୍ରମ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ଦହମୁଣ୍ଡା, ୭।୧(ସମିସ):** କମର୍ଦା ଥାନା ଅନ୍ତର୍ଗତ ଆରୁହାବୃତ୍ତି -୨ ଗ୍ରାମରେ ରବିବାର ସକାଳେ ଏକ ଅଘଟଣ ଘଟିଛି। ଗ୍ରାମର ଧୀରେନ୍ଦ୍ର ଦେ'ଙ୍କ ସ୍ତ୍ରୀ ପିଙ୍କି ଦେ ରବିବାର ସକାଳ ତାଙ୍କ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପିଙ୍କିଙ୍କ ସ୍ୱାମୀ ଅନ୍ୟ ରାଜ୍ୟରେ କାମ କରୁଥିବାବେଳେ ତାଙ୍କର ଜଣେ ଛଅ ବର୍ଷର ପୁଅ ଏବଂ ତିନି ବର୍ଷର ଝିଅ ଅଛନ୍ତି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ।

# ବର୍ଦ୍ଧନପୁରରେ ବିଜେଡିର ସଚେତନତା ସମାବେଶ

**ବାଲେଶ୍ୱର, ୭।୧(ସମିସ):**



- ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ

ବାଲେଶ୍ୱର ଜିଲ୍ଲା ରେମୁଣା ନିର୍ବାଚନ ମଣ୍ଡଳୀ ତଥା ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁରରେ ବିଜେଡି ପକ୍ଷରୁ ରବିବାର ସଚେତନତା ସମାବେଶ ଅନୁଷ୍ଠିତ ହେଇଯାଇଛି। ଏହା ରବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ହେଇଥିଲା। ଏଥିରେ ଯୁବ ନେତା ଚନ୍ଦନ ମଲ୍ଲିକ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ 'ବିଜୁ ସ୍ୱାସ୍ଥ୍ୟ ବୀମା ନବୀନ' ଯୋଜନା କାର୍ଡ ସମ୍ପର୍କରେ ସୂଚନା ଦେଇ ଥିଲେ। ରାସନ କାର୍ଡ ନଥିବା ପରିବାର ଗୁଡିକ ଏହି ଯୋଜନାରେ ବିଏସ୍‌କେଓ୍ୱାଇ ନବୀନ କାର୍ଡ ଲାଗି ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିବାକୁ ନିବେଦନ କରିଥିଲେ। ଖୁବ ଶୀଘ୍ର ବାଲେଶ୍ୱର ଜିଲ୍ଲା ରେ 'ଲକ୍ଷ୍ମୀ' ଯୋଜନାରେ ପ୍ରତି ବ୍ଲକରୁ ସଦର ମହାକୁମାକୁ ନିୟମିତ ଯାତ୍ରୀବାହୀ ବସ ଚଳାଚଳ କରିବ ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇ ମହିଳା ମାନଙ୍କୁ ଏଥି ଲାଗି ମାତ୍ର ପାଞ୍ଚ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ମିଶନଶକ୍ତି ଓ ବିଜୁ ପକ୍କାଘର ଯୋଜନା ଆଦିର ସୁଫଳ କିପରି ଲୋକେ ପାଇବେ ସେ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ସଦର ବ୍ଲକ ଉପ ସଭାପତି ଜୀବନ ମହାପାତ୍ର, ବରିଷ୍ଠ ନେତା ହଳଧର ସେଠୀ, ବିଜୟକୁମାର ବଳ, ରବୀନ୍ଦ୍ର ମଲ୍ଲିକ, ରତି କାନ୍ତ ମହାନ୍ତି, ଇଞ୍ଚୁଡ଼ିର ପଞ୍ଚାୟତ ସଭାପତି ପ୍ରଶାନ୍ତ ଦାସ, ଜୟନ୍ତ ମଲ୍ଲିକ ଓ ସୋମନାଥ ନାୟକଙ୍କ ସମେତ ବହୁ ଯୁବ ନେତା ଉଦବୋଧନ ଦେଇ ଥିଲେ। ଶେଷରେ ତାପସ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ ବର୍ଷରୁ କମ୍ ଜାତୀୟ କ୍ରୀଡ଼ା ପାଇଁ ଫୁଲବଣୀ ହାଇସ୍କୁଲର ଦୁଇ ଖେଳାଳି ମନୋନୀତ



**ଭୋଗରାଇ/ଚନ୍ଦନେଶ୍ୱର, ୭ ।୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟର ଦୁଇ ଜଣ ଖେଳାଳି ଜାତୀୟସ୍ତରର ୧୭ ବର୍ଷରୁ କମ୍ ବୟସ ବର୍ଗର ବାଳିକା କବାଡ଼ି ଓ ବାଳକ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତାରାପଦ ସେଠୀ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ ବୟସ ବର୍ଗର ବାଳକ କବାଡ଼ି ଦଳର ମ୍ୟାନେଜର ଭାବେ ତେଲେଙ୍ଗାନା ଯାଇଥିବା ଜଣାପଡ଼ିଛି। ଏହି ଖବର ମିଳିବା ପରେ ସମଗ୍ର ଭୋଗରାଇରେ ଖୁସିର ଲହରୀ ଖେଳିଯାଇଛି। ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଭବାନୀମଣ୍ଡଳ ରାଜ୍ୟସ୍ତରୀୟ ବାଳିକା କବାଡ଼ି ପ୍ରତିଯୋଗିତାରୁ ମନୋନୀତ ହୋଇ ୧୭ ବର୍ଷରୁ କମ୍ ବୟସ ବର୍ଗର ଜାତୀୟ ବାଳିକା କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାଜସ୍ଥାନ ଯାଇଛନ୍ତି। ସେହିପରି ଏହି ଉଚ୍ଚ ବିଦ୍ୟାଳୟର ଅଷ୍ଟମଶ୍ରେଣୀର ଛାତ୍ର ବିଷ୍ଣୁଦଲାଇ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରୁ ମନୋନୀତ ହୋଇ ୧୭ ବର୍ଷରୁ କମ୍ ବୟସ ବର୍ଗର ଜାତୀୟସ୍ତରର ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ସଫଳତା ପାଇଁ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ବିଆରସିସି ଋଷଭ କୁମାର ମହାପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘରାଇ, ଉତ୍ତର ଭୋଗରାଇ ଓଷ୍ଟା ସଭାପତି ଗୌରୀଶଙ୍କର ତ୍ରିପାଠୀ, ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି, କ୍ରୀଡା ଶିକ୍ଷକ ସଂଘ ଭୋଗରାଇ ସଭାପତି ହିମାଂଶୁ ଶେଖର ଦାସ ପ୍ରମୁଖ ଆଶାବାଦୀ ହେବା ସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମଦ ଓ ନାରୀ ନିର୍ଯ୍ୟାତନାକୁ ବିରୋଧ



**ଭୋଗରାଇ/ବାଲେଶ୍ୱର(ଉତ୍ତର), ୭ ।୧(ସମିସ):** ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଭୋଗରାଇ ବ୍ଲକ କମିଟି ଉଦ୍ୟମରେ ଶନିବାର ଚନ୍ଦନେଶ୍ୱରସ୍ଥିତ ନେତାଜୀ ପବ୍ଲିକ ଲାଇବ୍ରେରୀ ହଲରେ ଏକ ବ୍ଲକସ୍ତରୀୟ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ହତ୍ୟା ଆଦି ଅପରାଧ ବନ୍ଦ କରିବା, ମଦ ଡିପୋ, ମୋବାଇଲ ଇଣ୍ଟରନେଟରେ ଅପସଂସ୍କୃତିର ପ୍ରଚାରପ୍ରସାର ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ବନ୍ଦ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କରିବା ଦାବିରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ଚରଣ ସାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସରୋଜିନୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ଆନ୍ଦୋଳନର ଦୀର୍ଘ ଇତିହାସ ବର୍ଣ୍ଣନା କରିବା ସହିତ ବର୍ତ୍ତମାନ ସମୟରେ ନାରୀ ସଶକ୍ତିକରଣ ନାମରେ ମହିଳାମାନଙ୍କୁ ଆର୍ଥିକ ଶୋଷଣ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଉତ୍ସବ କୁମାର କର ଓ ପଶ୍ଚିମବଙ୍ଗ ରାଜ୍ୟ କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟା ରୀତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ସମ୍ମାନିତଅତିଥି ଭାବେ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ ଯୋଗ ଦେଇ ନାରୀମାନଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଗଠନର ସଭାପତି ଭାବେ ସରୋଜିନୀ ମହାନ୍ତି ଓ ସମ୍ପାଦିକା ଭାବେ ପିଙ୍କି ମଲ୍ଲିକଙ୍କୁ ନିର୍ବାଚିତ କରାଯାଇଥିଲା। ନବନିର୍ବାଚିତ କମିଟିର ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇ ଏସୟୁସିଆଇ (କମ୍ୟୁନିଷ୍ଟ) ଭୋଗରାଇ ଆଞ୍ଚଳିକ ସମ୍ପାଦିକା କ୍ରିଷ୍ଣାରାଣୀ ସାହୁ ସଂଗଠିତ ଓ ସଚେତନ ମହିଳା ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀ ପୂର୍ବରୁ ସ୍ୱଦେଶୀ ଆନ୍ଦୋଳନର ମହାନ ଯୋଦ୍ଧା ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ଓ ସହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀ ନନ୍ଦିନୀ, ପଲ୍ଲବୀ, ରାଜଲକ୍ଷ୍ମୀ, ଦୀପାନୀତା, ଅମ୍ବିକା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ବାଲିଆପାଳ, ୭ ।୧(ସମିସ):** ବାଲିଆପାଳ ବ୍ଲକ ଦେଭୋଗ ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଶାଖା ପରିଚାଳକ ପ୍ରଣବେଶ କର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ବ୍ୟାଙ୍କ ପକ୍ଷରୁ ସାଧାରଣଲୋକଙ୍କୁ ସଦାସର୍ବଦା ସେବା ଯୋଗାଉଥିବାବେଳେ ବ୍ୟାଙ୍କକୁ ସହେଯାଗ କରିବା ନେଇ ଉପସ୍ଥିତ ଗ୍ରାହକ ମାନଙ୍କର ସହେଯାଗ କାମନା କରିଥିଲେ। ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀମନ୍ତ ପଟ୍ଟାୟତ, କ୍ୟାସିୟର ଧନଞ୍ଜୟ ଜେନା, ଶିବ ପ୍ରସାଦ ରାୟ, କର୍ମଚାରୀ ଜ୍ୟୋତି ପ୍ରକାଶ ସାହୁ, ବିମ୍ବାଧର ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ କର୍ମଚାରୀ ଅନନ୍ତ ମହାନ୍ତି, ରାମଚନ୍ଦ୍ର ସାହୁ, ପୁରୋଷତ୍ତମ ଗିରି, ପ୍ରତାପଚନ୍ଦ୍ର ଦଳେଇ, ଅମିତା ଦାସ, ସସ୍ମିତା ନାଥ, ଉର୍ମିଳା ପାଳ, ମଞ୍ଜୁଲତା ପାତ୍ର, ସୁବାସିନୀ ସାହୁ, ବର୍ଷା ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

**ଭୋଗରାଇ:** ଭୋଗରାଇ ଶାଖାରେ ୮୨ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହାସହିତ ୟୁକୋ ବ୍ୟାଙ୍କ ଭୋଗରାଇ ଶାଖା ୨୦୨୧-୨୨ ଆର୍ଥିକ ବର୍ଷରେ ଭୋଗରାଇ ବ୍ଲକ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ଲଗାଣ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ବିରଳ ରେକର୍ଡ ସୃଷ୍ଟି କରି ଆଜି ଦିନରେ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ସହ ଟ୍ରଫି ହାସଲ କରିଥିବାରୁ ଏହି ପ୍ରତିଷ୍ଠା ଦିବସର ଖୁସିକୁ ବହୁ ଗୁଣିତ କରିଛି। ୟୁକୋ ବ୍ୟାଙ୍କ ସହକାରୀ ଶାଖା ପରିଚାଳକ ପ୍ରିୟବ୍ରତ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଖାତାଧାରୀ ତଥା ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସଭାପତି ଗୋପବନ୍ଧୁ ମହାପାତ୍ର, ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ନବକୃଷ୍ଣ ଦେ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରଘୁନାଥ ମହାନ୍ତି, ଦୀପେଶ ଚନ୍ଦ୍ର ରାୟ, ଜାମସେଦ ଅଲ୍ଲୀ ଖାଁ, ପୁଲକ ରଞ୍ଜନ ପାଳ, ସୁଦାମ ଚରଣ ଦାସ, ପ୍ରଦୀପ ସେଠୀ ପ୍ରମୁଖଙ୍କ ସହିତ ଅନ୍ୟତମ ସହକାରୀ ଶାଖା ପରିଚାଳକ ସପନ ମାନ୍ନା ଓ ଅର୍ଚ୍ଚନା ନାୟକ, ବ୍ୟାଙ୍କ କର୍ମଚାରୀ ଭି ତେଜା, ସ୍ମୃତିରଞ୍ଜନ ସାହୁ, ସଞ୍ଜୟ କୁମାର ସାମଲ, ପ୍ରଦୀପ ଖଟେଇ, ବିଜୟ ଭୁୟାଁ, ପିନାକୀ ପଟ୍ଟନାୟକ ଓ ଗୌତମ ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଏମ୍‌ବିକେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲିଆପାଳ/ବଳରାମପୁର, ୭ ।୧(ସମିସ):** ପଞ୍ଚାୟତର ଜିପିଏଲଏଫ୍‌ରେ କାର୍ଯ୍ୟ କରୁଥିବା ଏମ୍‌ବିକେ ମାଆମାନଙ୍କୁ କମ୍ପ୍ୟୁଟର ବ୍ୟବହାର ଓ ଇ-ଗଭରନାନ୍ସ ସେବାର ବ୍ୟବହାରଗତ ଜ୍ଞାନର ଦକ୍ଷତା ବିକାଶ ପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ପ୍ରତି ବ୍ଲକରେ ଥିବା ଓକେସିଏଲ ଅଧିକୃତ ଶିକ୍ଷାକେନ୍ଦ୍ରରେ ଡିସେମ୍ବର ୨୦ ଦିନିଆ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ରାଜ୍ୟ ସରକାର କାର୍ଯ୍ୟରତ ଏମ୍‌ବିକେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ଥିବା ଆର୍‌କେ ଇନ୍ଫୋ ଏକାଡେମୀ ପରିସରରେ ବାଲିଆପାଳ ବ୍ଲକର ୨୫ଜଣ ଓ ବସ୍ତା ବ୍ଲକର ୫ଜଣ ଏମ୍‌ବିକେ ମାନଙ୍କୁ ନେଇ ଚାଲିଥିବା ୨୦ଦିନିଆ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷକ ରାଜକିଶୋର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ କୁମାର ପାତ୍ର ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ବ୍ଲକର ମିଶନ ଶକ୍ତି ବିଭାଗର ବ୍ଲକ ପରିଚାଳକ ପ୍ରଭାକର ଦାସ, ବ୍ଲକ ସଂଯୋଜକ ରାଜକିଶୋର ପ୍ରଧାନ, ବସ୍ତାବ୍ଲକ ଜୀବିକା ମିଶନର ସଂଯୋଜକ ତ୍ରିଲୋଚନ ପରିଡ଼ା, ବଣିଆଡିହା ପଞ୍ଚାୟତର ସରପଞ୍ଚ କାଳିଚରଣ ଜେନା ଓ ସମିତି ସଭ୍ୟ କଟି ମାରାଣ୍ଡି ପ୍ରମୁଖ ଯୋଗଦେଇ ଥିଲେ। କବିତା ବିଶ୍ୱାଳ, ଅମର ପଟ୍ଟାୟତ ପ୍ରମୁଖ କର୍ମଚାରୀ ସହଯୋଗ କରିଛନ୍ତି।



**ଭୋଗରାଇ ଉତ୍ସବର ସପ୍ତମ ସନ୍ଧ୍ୟା**

# 'ସାଂସ୍କୃତିକ ଜାଗରଣରେ ସୁସ୍ଥ ସମାଜ ଗଠନ ସମ୍ଭବ'

**ଭୋଗରାଇ, ୭।୧(ସମିସ):**



ଅବକ୍ଷୟମୁଖୀ ସାମାଜିକ ବ୍ୟବସ୍ଥାକୁ ସଜାଡ଼ି ଏକ ସୁସ୍ଥ ଓ ବିକଶିତ ସମାଜ ଗଢ଼ିବାକୁ ହେଲେ ସାଂସ୍କୃତିକ ନବ ଜାଗରଣ ସୃଷ୍ଟି ସହିତ ଶିକ୍ଷା, ସାହିତ୍ୟ, କଳା, ଗବେଷଣା, ପରିବେଶ, ଐତିହ୍ୟ ଆଦି ସମସ୍ତ କ୍ଷେତ୍ରକୁ ଉନ୍ନତ ଆଦର୍ଶ ପୃଷ୍ଠଭୂମି ସମ୍ପନ୍ନ କରିବା ଜରୁରୀ ବୋଲି ରବିବାର ୧୫ତମ ଭୋଗରାଇ ଉତ୍ସବର ସପ୍ତମ ସାନ୍ଧ୍ୟ ସଭାରେ ମତପ୍ରକାଶ ପାଇଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ହେଲିପ୍ୟାଡ ପଡ଼ିଆରେ ଅନୁଷ୍ଠିତ ସପ୍ତମ ସନ୍ଧ୍ୟା ସଭାରେ ଉତ୍ସବ କମିଟିର ଉପ ସଭାପତି ରାଜକୁମାର ଦାସ ଅଧକ୍ଷତା କରିଥିଲେ। ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଦେଶର ସୁଦୃଢ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପାଇଁ ଉଦ୍ୟମୀ ହେବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ତାଲିମ ବିଭାଗ ଅର୍ଥ ପରାମର୍ଶଦାତା ତରଙ୍ଗିଣୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାଂସ୍କୃତିକ ନବ ଜାଗରଣ ସୃଷ୍ଟି ହେଲେ ସମାଜ ଓ ସାମାଜିକ ବ୍ୟବସ୍ଥାର ବିଶାଳ ପରିବର୍ତ୍ତନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ଦୀପକ ବୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ମାନବବାଦୀ ଓ ସଂସ୍କାରୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ 'ଭୋଗରାଇ ଉତ୍ସବ -୨୦୨୪ ସ୍ମରଣିକା' ଉନ୍ମୋଚିତ ହୋଇଥିଲା। ଏହାସହିତ ପ୍ରଶାସନିକ ଅଧିକାରୀ ତରଙ୍ଗିଣୀ ମିଶ୍ରଙ୍କ ରଚିତ 'କଥା କେତୋଟି' ପୁସ୍ତକ ଲୋକାର୍ପିତ ହୋଇଥିଲା। କବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ ସ୍ୱାଗତ ଭାଷଣ, ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସେହିପରି ଶନିବାର ଅନୁଷ୍ଠିତ ଷଷ୍ଠ ସାନ୍ଧ୍ୟ ସଭାରେ ଉତ୍ସବ କମିଟିର ଉପସଭାପତି ରମାକାନ୍ତ କରଣ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ତଥା ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ଓ ସାରସ୍ୱତ ସାଧକ ପ୍ରଫେସର ବିପିନ ବିହାରୀ, ସମ୍ମାନିତ ବକ୍ତା ଭାବେ ଦିଗମ୍ବରୀ ଦେବୀ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠାତା ମୁଖ୍ୟ ଡଃ ଅଜିତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଗାଁକୁ ଗାଁ ବୁଲିଲା ଅର୍ପଣ ରଥ




ଭୋଗରାଇ ବ୍ଲକରେ ଶୁଭାରମ୍ଭ ହେଲା ଅର୍ପଣ ରଥ

**ଖଇରା, ୭।୧(ସମିସ):**

ଖଇରା ବ୍ଲକରେ ରବିବାର ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ପ୍ରଥମେ ଖଇରାବ୍ଲକ ପରିସରରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ରଥର ପୂଜା କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ଅନନ୍ତ କୁମାର ହାଁସଦା, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର, ସଭ୍ୟ ମାନସ ଦାଶ, ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓଙ୍କ ଉପସ୍ଥିତିରେ ବିଧାୟକ ପତାକା ହଲାଇବା ପରେ ରଥ ଆଗକୁ ବଢ଼ିଥିଲା। ଶତାଧିକ ଜନସାଧାରଣଙ୍କ ଓ ନେତୃବୃନ୍ଦଙ୍କ ଗହଣରେ ବିଧାୟକ ରଥସହ ଚାଲି ଚାଲି ଖଇରା ବଜାର ଓ ଆଳଦା ଗ୍ରାମକୁ ଯିବା ପରେ ପ୍ରତ୍ୟେକ ପରିବାର ଚାଉଳ ଓ ଗୁଆ ସମର୍ପଣ କରିଥିଲେ। ପ୍ରାୟ ପ୍ରତ୍ୟେକ ଘରର ମହିଳା ମାନେ ଏହି ରଥକୁ ବନ୍ଦାପନା କରିଥିଲେ। ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ। ଖଇରା ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ରବିବାର ୧୭ ପଞ୍ଚାୟତରେ ଏହି ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ସୋମବାର ଠାରୁ ଅବଶିଷ୍ଟ ୨୦ ପଞ୍ଚାୟତରେ ରଥ ଗଡ଼ିବାର କାର୍ଯ୍ୟକ୍ରମ ରହିଛି।

**ବସ୍ତା** : ବସ୍ତାରେ ଜଗନ୍ନାଥ ପରିକ୍ରମା ରଥ ଶୁଭାରମ୍ଭ ହେଇଛି। ରବିବାର ବ୍ଲକ କାର୍ଯ୍ୟାଳୟରେ ରଥକୁ ସ୍ୱତନ୍ତ୍ର ପୂଜା ପାଠ କରି ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ ଏହକୁ ଶୁଭାରମ୍ଭ କରିଥଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ମୋହିନୀ କୁମାର ନାୟକ, ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ଜିପିଓ ଅଞ୍ଜନ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ସମିତି ସଭ୍ୟ ସୁବ୍ରତ ପଣ୍ଡା ଓ ଏମ ବି କେ ମାନେ ଉପସ୍ଥିତ ଥିଲେ। ରଥ ପ୍ରଥମେ ପତ୍ରଝଡ଼ା ପଞ୍ଚାୟତ ଭ୍ରମଣ କରିଥିଲା। ୮ ତାରିଖରୁ ଏହି ରଥ କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

**ଚୌକି:** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଅର୍ପଣ ରଥ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ କୁମାର ଦାସ ରଥର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଉପସ୍ଥିତ ଥିଲେ। ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରୁ ଗୁଆ, ଚାଉଳ ଓ ନଡିଆ ସଂଗ୍ରହ କରାଯିବ ଜାନୁଆରୀ ୧୭ ତାରିଖରେ ପୁରୀ ଜଗନ୍ନାଥ ମନ୍ଦିରରେ ଅର୍ପଣ କରାଯିବ। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ କାର୍ଯ୍ୟାୟକାରୀ ସଭାପତି ଗଣପତି ଗିରି, ବିଜେଡି ଜିଲ୍ଲା ଉପସଭାପତି ତପନ ପଣ୍ଡା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ବିଜେଡି ବ୍ଲକ ଉପସଭାପତି ପ୍ରଦୀପ ବେହେରା, ଜିଲ୍ଲା ପରିଷଦ ସଦସ୍ୟ କବିତା ମହାନ୍ତି, ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି, ମିଶନ ଶକ୍ତିର ମହିଳାମାନେ ମଧ୍ୟ ଯୋଗଦେଇଥିଲେ।



**ରୂପସା:** ବାଲେଶ୍ୱର ସଦରବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତ ଅଧୀନ ମଛଡିହା ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜି ମହାପ୍ରଭୁଙ୍କର ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଭକ୍ତମାନେ ଭଜନ, କୀର୍ତ୍ତନ ସହିତ ଅକ୍ଷତ ଏବଂ ଗୋଟା ଗୁଆ ଦାନ କରି ଦୀପ ଜାଳିଥିଲେ। ବିଧାୟକ ସ୍ୱରୂପ କୁମାର ଦାସ ରଥର ଶୁଭାରମ୍ଭ କରିଥିଲେ। ନୋଡାଲ ଅଫିସର ବେଣୁଧର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ଶକ୍ତିପଦ ରାୟ, ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ସଦରବ୍ଲକ ଚେୟାରମେନ ସୁନିତା ବେହେରା, ସଦର ବିଡିଓ ସମରଜିତ କର, ଏବିଡିଓ ଅଶୋକ ଦାଶ, ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା, ସମିତି ସଭ୍ୟ ଅନିତା ଜେନା, ଯୁବ ସଭାପତି ଦିଲୀପ ମହାନ୍ତିଙ୍କ ସମେତ ଅଙ୍କୁର ତରେଇ, ଅଜିତ ମହାପାତ୍ର, ଦୀପକ ଜେନା, ଅନିରୁଦ୍ଧ ପ୍ରଧାନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।



ରୂପସା

## ● ସଭାରେ ହଜିଗଲା ମହିଳାଙ୍କ ମୋବାଇଲ୍

# ନୂଆ ଫୋନ୍ କିଣିଦେଲେ '୫-ଟି' ଅଧ୍ୟକ୍ଷ



**ବାହାନଗା, ୭।୧(ସମିସ):** ଗତ ଶନିବାର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବାଲେଶ୍ୱର ଜିଲ୍ଲା ବାହାନଗା ଗସ୍ତ କରି ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଶତାଧିକ ଜନସାଧାରଣଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପରେ ବାହାନଗା ବ୍ଲକର ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ନେଇ ହିସାବ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳାମାନଙ୍କ ସହ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ସଭାରେ ଯୋଗଦେଇ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳାଙ୍କ ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା। ମହିଳା ଜଣକ କାନ୍ଦିକାନ୍ଦି ଯାଉଥିବାବେଳେ ଶ୍ରୀ ପାଣ୍ଡିଆନଙ୍କ ନଜରକୁ ଏହି ଘଟଣା ଆସିଥିଲା। ମହିଳା ଜଣଙ୍କ ତାଙ୍କୁ ମୋବାଇଲ୍ ହଜିଥିବା କଥା ଜଣାଇଥିଲେ। ଶ୍ରୀ ପାଣ୍ଡିଆନ ଏହାକୁ ଉପଲବ୍ଧି କରି ଖୁବ୍‌ଶୀଘ୍ର ଆପଣଙ୍କ କଥା ବୁଝାଯିବ ବୋଲି କହି ସୋର୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲି ଯାଇଥିଲେ। କିଛି ସମୟ ମଧ୍ୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜଙ୍କ ମାଧ୍ୟମରେ ଏକ ନୂତନ ମୋବାଇଲ ଫୋନ୍ ପଠାଇଥିଲେ। ଶ୍ରୀ ମଙ୍ଗରାଜ ମହିଳା ଜଣଙ୍କୁ ମୋବାଇଲ ଫୋନ ପ୍ରଦାନ କରିଥିଲେ। ମହିଳା ଜଣକ ମୋବାଇଲ୍ ପାଇବା ପରେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ଏବଂ ଶୁଭେନ୍ଦୁ ମଙ୍ଗରାଜଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ୫-ଟି ଅଧ୍ୟକ୍ଷଙ୍କ ଏଭଳି ମହାନତା ପାଇଁ ସବୁଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପ୍ରବନ୍ଧ, କବିତା, ଗଳ୍ପଲିଖନ ତାଲିମ ଶିବିର




**ବାଲିଆପାଳ, ୭।୧(ସମିସ):** ବାଲିଆପାଳ ବାଳିକା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସୁକନ୍ୟା ସାହିତ୍ୟ ସଂସଦ ତରଫରୁ ଏକ ପ୍ରବନ୍ଧ, କବିତା ଓ ଗଳ୍ପ ଲିଖନ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ସାହିତ୍ୟ ସଂସଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ନାୟକ, ଗୀତା ସାହୁ, ମୀତାରାଣି ପାଣିଗ୍ରାହୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ପ୍ରମୁଖଙ୍କୁ ପ୍ରବନ୍ଧ, କବିତା ଓଗଳ୍ପ ଲିଖନର ବିଭିନ୍ନ କୌଶଳ ଶିଖାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ନାୟକ, ରାଧାରାଣି ବିଶ୍ୱାଳ, ମନୋଜ ସାହୁ, ପ୍ରଜ୍ଞା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ପରଲୋକ



**ସୋର, ୭।୧(ସମିସ):** ସୋର ପୌରପରିଷଦ ଉତ୍ତରେଶ୍ୱର ବଜାରର ବିଶିଷ୍ଟ ବ୍ୟବସାୟୀ ସରୋଜ ନାରାୟଣ ଦାସ(ଝୁନି)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ୬୪ ବର୍ଷ ବୟସରେ ପରଲୋକ ଘଟିଛି। ଏହି ଖବର ପ୍ରସାରିତ ହେବାପରେ ଉତ୍ତରେଶ୍ୱରରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀର ଉତ୍ତରେଶ୍ୱରରେ ପହଞ୍ଚିବା ପରେ ବଜାରବାସୀଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଆନନ୍ଦ ମାର୍ଗ ବିଦ୍ୟାଳୟରେ ଶୀତବସ୍ତ୍ର ବଣ୍ଟନ



**ଭୋଗରାଇ, ୭।୧(ସମିସ):** ଜଳେଶ୍ୱର ରୋଟାରୀ କ୍ଲବ ତରଫରୁ ଭୋଗରାଇ ବ୍ଲକର ଭୋଗରାଇ ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପୂର୍ବତନ ଭୋଗରାଇ ବିଧାୟକ ସୁଶାନ୍ତ ଚାନ୍ଦ, ଜଳେଶ୍ୱର ରୋଟାରୀ କ୍ଲବ୍ ସଭାପତି ମଣିଭଦ୍ର ଜେନା, କ୍ଲବର ପୂର୍ବତନ ସଭାପତି ବିକାଶ କୁମାର ଧର, ପ୍ରଭାତ କୁମାର ସାହୁ, ସୁବ୍ରତ କୁମାର ରଣା, ସଦସ୍ୟ ଦୀପକ କୁମାର ଟୁଡୁ, ସୁବାସ ଚନ୍ଦ୍ର ଚାନ୍ଦ, ଅଂଶୁମାନ ରାଉତଙ୍କ ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୀତା ବେହେରା, ସବିତା ପଣ୍ଡା, ପ୍ରିୟଙ୍କା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ୨୫ ଜଣ ଅନାଥ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି।

# ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ରୂପସା, ୭।୧(ସମିସ):** ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ଦଣ୍ଡିକାସ୍ଥିତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି କ୍ରୀଡ଼ାବିତଙ୍କୁ ସମାଜର କର୍ଣ୍ଣଧାର ବୋଲି କହିଥିଲେ। ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଓ ସମ୍ମାନିତ ଅତିଥି ସମିତି ସଭ୍ୟ ରାଜକିଶୋର ଦାସ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଘଟିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଲୋକନାଥ ମହାନ୍ତ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ବାଳକ ବିଭାଗରେ ରାଜା ସିଂ ଓ ବାଳିକା ବିଭାଗରେ ଗୁରୁବାରୀ ହେମ୍ବ୍ରମ ଚାମ୍ପିଅନ ହୋଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱରୂପା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ନାୟକ, ବିଜୟଲକ୍ଷ୍ମୀ ନାୟକ, ଶୁଭସ୍ମିତା ଭଞ୍ଜ, ଶିକ୍ଷକ କାଇପଦ ମଙ୍ଗରାଜ ମଲ୍ଲିକ, କର୍ମଚାରୀ ଶାନ୍ତିଲତା ଦଣ୍ଡପାଟ, ତାପସ ବିଶ୍ୱାଳ ଓ ଜ୍ଞାନ ରଞ୍ଜନ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।




# ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଶ୍ରଦ୍ଧାପୁର, ୭।୧(ସମିସ):** ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ବାବୁରାମ ମହାନ୍ତି ନୋଡାଲ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉକ୍ତ ପଞ୍ଚାୟତର ସରପଞ୍ଚ ରାଧାରାଣୀ ବେହେରା ଉପସ୍ଥିତ ହୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମିତି ସଭ୍ୟ ବିଶ୍ୱନାଥ ଗିରି, ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଂଶୀଧର ମଣ୍ଡଳ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗଳ ସିଂ, ସହକାରୀ ଶିକ୍ଷକ ଅଶୋକ ସେନାପତି, ଖଗେନ୍ଦ୍ର ପରିଡ଼ା, ହରେକୃଷ୍ଣ ପ୍ରଧାନ ଓ ନନ୍ଦ ଦୁଲାଲ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ପଣ୍ଡିତ ଭୃଗୁରାମ କରଶର୍ମାଙ୍କ ଜନ୍ମ ଉତ୍ସବ



**ଭୋଗରାଇ, ୭।୧(ସମିସ):** ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ଉପସଭାପତି ତଥା ଭୋଗରାଇ ବ୍ଲକ ବ୍ରାହ୍ମଣ ସମିତିର ସଭାପତି ପଣ୍ଡିତ ଭୃଗୁରାମ କରଶର୍ମାଙ୍କ ଜନ୍ମଦିବସ ପାଳିତ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୁଣସାର୍ଥା ପଞ୍ଚାୟତ ପୈତୃକ ଗାଁ ପ୍ରିୟବାଗଠାରେ ବ୍ରାହ୍ମଣ ସମିତିର ସଭାପତି ଗିରୀଶ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ଜିଲ୍ଲା ବ୍ରାହ୍ମଣ ସମିତିର ସଭାପତି ତଥା ଭାରତ ଜ୍ୟୋତି ପୁରସ୍କାରପ୍ରାପ୍ତ ଚିକିତ୍ସକ ଡାକ୍ତର ଶ୍ରୀଶକୁମାର ଦାଶ, ଭୋଗରାଇ ବ୍ରିଟିଶ ନାଗରିକ କଲ୍ୟାଣ ସମିତି ସମ୍ପାଦକ ଚିତ୍ତରଞ୍ଜନ ଦାସ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଜିଲ୍ଲା ବ୍ରାହ୍ମଣ ସମିତିର ସାଂଗଠନିକ ସମ୍ପାଦକ ସରୋଜ ନାରାୟଣ ଷଡ଼ଙ୍ଗୀ, ବ୍ରାହ୍ମଣ ସମିତିର ବରିଷ୍ଠ ରାଜ୍ୟ ସଂଯୋଜକ ଲୋକନାଥ କରଶର୍ମା, ଭୋଗରାଇ ବ୍ଲକ ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ପାଣିଗ୍ରାହୀ, ଅବସରପ୍ରାପ୍ତ ବିଡିଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଶତାଧିକ ବ୍ରାହ୍ମଣ ପଣ୍ଡିତ ଏଥିରେ ଯୋଗ ଦେଇ ପଣ୍ଡିତ କରଶର୍ମାଙ୍କ ଜୀବନଚର୍ଯ୍ୟା ଓ ସମାଜସେବା ମୂଳକ ଉତ୍ସର୍ଗୀକୃତ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଇଥିଲେ। ବିଷ୍ଣୁପଦ ଆଚାର୍ଯ୍ୟ, ପୁତ୍ର ସୁବ୍ରତ କରଶର୍ମାଙ୍କ ସମେତ ଗ୍ରାମବାସୀ, ନରେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ପ୍ରମୁଖ ଯୋଗ ଦେଇଥିଲେ।

# ମୁଦ୍ରଣ ଗଣମାଧ୍ୟମ ପ୍ରତିନିଧିଙ୍କ ଦାୟିତ୍ୱ ବଢ଼ିଛି



**ଜଳେଶ୍ୱର ବ୍ଲକ, ୭।୧(ସମିସ):**

ସାମ୍ପ୍ରତିକ ସମାଜରେ ମୁଦ୍ରଣ, ବୈଦ୍ୟୁତିକ ଓ ସମାଜିକ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରୁଥିଲେ ମଧ୍ୟ ମୁଦ୍ରଣ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଆଜି ଜଳେଶ୍ୱରର ସମସ୍ତ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିଙ୍କର ଏକ ବୈଠକ ଭୂପତି ପରିଡ଼ାଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଦ୍ରଣ ଗଣମାଧ୍ୟମରେ ପ୍ରମାଣଯୋଗ୍ୟ ତଥ୍ୟ ରହୁଥିବା ବେଳେ ଅନ୍ୟ ଗଣମାଧ୍ୟମ ସସ୍ତା ଲୋକପ୍ରିୟତା କରିଚାଲୁଛି। ତେଣୁ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିମାନେ ଅଧିକ କ୍ରିୟାଶୀଳ ହୋଇ ଏବଂ ପ୍ରମାଣଯୋଗ୍ୟ ଘଟଣାବଳୀ ପଠକ ସମାଜରେ ଉପସ୍ଥାପନ କରିବାକୁ ସହମତି ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟ ବ୍ରତ ପ୍ରଧାନ, ଅବନୀ ଚାନ୍ଦ, ସୁକୁମାର ରଣା, ଅବଦୁଲ ରହିମ, ଅମର ଆଚାର୍ଯ୍ୟ, ଗୌରଗୋପାଳ ସେନ୍, ଗୌରୀଶଙ୍କର ମହାନ୍ତି, ଅର୍ଜୁନ ସିଂ, ଆରତୀ ଦାସ, ମନୋଜ ଭୂୟାଁ, ରବୀନ୍ଦ୍ର ସେନାପତି, ଦୁର୍ଗାଶଙ୍କର ଗିରି, ତପନ ନାୟକ, ସତ୍ୟବ୍ରତ ସୋମ, ସୁଶାନ୍ତ ପ୍ରଧାନ, ଆଶିଷ ଗିରି, ରବିନାରାୟଣ ପାତ୍ର, ସୁଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

